

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୯ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 JANUARY 2025

Vol.No. 36 ■ No.27 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦୀଙ୍କ ଗ୍ୟାରେଣ୍ଟି : ଓଡ଼ିଶା ଛୁଇଁବ ବିକାଶର ଶିଖର

■ସ୍ୱାକ୍ଷର ହେଲା ୫୪ ଏମଓୟୁ

■ଆସିବ ସାଢ଼େ ୪ ଲକ୍ଷ କୋଟିର ପୁଞ୍ଜି



ଭୁବନେଶ୍ୱର, ୨୮/୧(ନି.ପ୍ର) : ଭୁବନେଶ୍ୱରର ଜନତା ମୈଦାନରେ ଉତ୍କର୍ଷ ଓଡ଼ିଶାର ପ୍ରଥମ ଦିନରୁ ଉତ୍ସାହିତ ଓଡ଼ିଶା। ପ୍ରଧାନମନ୍ତ୍ରୀ ମୋଦିଙ୍କ ହାତରେ ଉଦ୍ଘାଟିତ ଏ ଶିଳ୍ପ ମହାକୁମ୍ଭରେ ଏପର୍ଯ୍ୟନ୍ତ ରାଜ୍ୟକୁ ସାଢ଼େ ୪ ଲକ୍ଷ କୋଟିର ପୁଞ୍ଜି ନିବେଶ ପ୍ରସ୍ତାବ ଆସି ସାରିଛି। ଗୋଟିଏ ଦିନରେ ବିଭିନ୍ନ ଶିଳ୍ପସଂସ୍ଥା ସହ ସ୍ୱାକ୍ଷର ହୋଇଛି ୫୪ ଗକ୍ଟଟ। ସବୁଠୁ ଅଧିକ ୨ ଲକ୍ଷ ୨୮ ହଜାର କୋଟିର ପୁଞ୍ଜିନିବେଶ ପାଇଁ ଆଦାନୀ ସହ ବୁଝାମଣା ହୋଇଥିଲା ବେଳେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଜେଏସଡବ୍ଲୁ ସହ ଚୁକ୍ତି କରିଛନ୍ତି ସରକାର। ଆଦାନୀଠୁ ବେଦାନ୍ତ... ଜେଏସଡବ୍ଲ୍ୟୁଠୁ ଜେଏସପିଏଲ... ଉତ୍କର୍ଷ ଓଡ଼ିଶାରେ ଛୁଟିଲା ନିବେଶ ଆଗ୍ରହର ସୁଅ । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ହେବ ଷ୍ଟିଲ୍ ପାଣ୍ଟ ରାଜ୍ୟରେ ଆଦାନୀ କରିବ ୨ ଲକ୍ଷ ୨୮ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ । ଆସନ୍ତା ୬ ବର୍ଷରେ ୭୦ ହଜାର କୋଟି ପୁଞ୍ଜି ନିବେଶ ପାଇଁ ଔଝଚଖ ପ୍ରତିଶ୍ରୁତି ଦେଇଛି। ଗୋପାଳପୁରରେ ରିନ୍ୟୁଏବୁଲ୍ ଏନର୍ଜିରେ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ କରିବ ଆଭାଡ଼ା। ମୋହନ ସରକାରଙ୍କ ପ୍ରଥମ ଉତ୍କର୍ଷ ଓଡ଼ିଶା କନକ୍ଲେଭର ପ୍ରଥମ ଦିନରୁ ଓଡ଼ିଶାକୁ ମିଳିଛି ଏମିତି ନୂଆ ଆଉ ବଡ଼ ବଡ଼ ପ୍ରକଳ୍ପ ପାଇଁ ବିଶିଷ୍ଟ ଶିଳ୍ପପତିଙ୍କ ପ୍ରସ୍ତାବ। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଶିଳ୍ପ ମୁହାକୁମ୍ଭରେ ▶▶ପୃଷ୍ଠା ୭

## ଭାରତୀୟ ମତ୍ସ୍ୟଜୀବୀଙ୍କ ଉପରେ ଶ୍ରୀଲଙ୍କା ନୌସେନାର ଗୁଳିମାଡ଼: ୫ ଆହତ

ନୂଆଦିଲ୍ଲୀ, ୨୮/୧ : ଶ୍ରୀଲଙ୍କା ନୌସେନା ଭାରତ-ଶ୍ରୀଲଙ୍କା ସାମୁଦ୍ରିକ ସୀମାରେ ଗୁଳି ଚଳାଇଛି। ଏହି ଗୁଳିରେ ୫ଜଣ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଏହା ବ୍ୟତୀତ ତିନି ଜଣ ସାମାନ୍ୟ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ଡେଲଫ୍ଟ ଦ୍ୱୀପ ନିକଟରେ ଏହି ଘଟଣା ଘଟିଛି। ଏହି ପ୍ରସଙ୍ଗରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏନେଇ ଆପତ୍ତି ଜଣାଇଛି। ଏହି କାର୍ଯ୍ୟାନୁଷ୍ଠାନ ବିରୋଧ କରି ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କାର କାର୍ଯ୍ୟନିର୍ବାହୀ ହାଇ କମିଶନରଙ୍କୁ ଡକାଯାଇଛି। ଏହି କାର୍ଯ୍ୟକୁ ଅନୁପଯୁକ୍ତ ଏବଂ ଗ୍ରହଣୀୟ ନୁହେଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ମଙ୍ଗଳବାର ସକାଳେ କରାଇକାଲ ବନ୍ଦରରୁ ଡେଲଫ୍ଟ ଦ୍ୱୀପ ନିକଟରେ ମାଛ ଧରିବାକୁ ଯାଇଥିବା ୧୩ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ସାମୁଦ୍ରିକ ସୀମା ପାର କରିବା ଅଭିଯୋଗରେ ଗିରଫ କରିଛି। ଏହି ସମୟ ମଧ୍ୟରେ ଶ୍ରୀଲଙ୍କା ନୌସେନାର ▶▶ପୃଷ୍ଠା ୭

## ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ

ଭୁବନେଶ୍ୱର, ୨୮/୧(ନି.ପ୍ର) : ବରିଷ୍ଠ ବିଜେପି ନେତା ତଥା ଆନ୍ଧ୍ର ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ ଅଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ



ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଶ୍ୱଭୂଷଣ ଅସୁସ୍ଥ ଥିବା ନେଇ ତାଙ୍କ ପୁଅ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ବିଶ୍ୱଭୂଷଣଙ୍କୁ ଅଧିକ ଚିକିତ୍ସା ପାଇଁ ହାଇଦ୍ରାବାଦ ପଠାଇବାକୁ ପ୍ରସ୍ତୁତି ଚାଲିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସୂଚନା ଦେଇଛନ୍ତି। ୯୦ ବର୍ଷୀୟ ଶ୍ରୀ ହରିଚନ୍ଦନ ବିଜେପିର ଜଣେ ବରିଷ୍ଠ ନେତା ଓ ଦୀର୍ଘବର୍ଷ ଧରି ଜନସଂଘ ଓ ବିଜେପି ସହ ଜଡ଼ିତ ଅଛନ୍ତି। ସେ ବିଜୁ ପଟ୍ଟନାୟକଙ୍କ ସରକାରରେ ୧୯୯୦ରୁ ୧୯୯୩ ମସିହା ପର୍ଯ୍ୟନ୍ତ ଏବଂ ନବୀନ ପଟ୍ଟନାୟକଙ୍କ ସରକାରରେ ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ। ୧୯୩୪ ମସିହା ଅଗଷ୍ଟ ୩ ତାରିଖରେ ଜନ୍ମିତ ଶ୍ରୀ ହରିଚନ୍ଦନ ୧୯୭୧ ମସିହାରେ ଭାରତୀୟ ଜନସଂଘରେ ସାମିଲ ହୋଇଥିଲେ। ୧୯୭୭ ମସିହାରେ ସେ ଜନତା ପାର୍ଟି ଗଠନ ହେବା ପର୍ଯ୍ୟନ୍ତ ସେ ଜନସଂଘର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ନୀଳଚକ୍ର ଉପରେ ୨୫ ମିନିଟ୍ ଧରି ଉଡିଲା ଡ୍ରୋନ୍

ପୁରୀ, ୨୮/୧ (ନି.ପ୍ର): ପୁଣି ଶ୍ରୀମନ୍ଦିର ନିସିଦ୍ଧାଞ୍ଚଳରେ ଉଡ଼ିଲା ଡ୍ରୋନ୍। ପ୍ରାୟ ୨୫ ମିନିଟ୍ ଧରି ଡ୍ରୋନ୍‌ଟି ଶ୍ରୀମନ୍ଦିର ନୀଳଚକ୍ର ଉପରିଭାଗ ଓ ପରିକ୍ରମା ମାର୍ଗରେ ପଇଁତରା ମାରିଥିଲା। ଡ୍ରୋନଟି କେଉଁଠାରୁ ଅପରେଟ ହେଉଥିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ଏନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଡ୍ରୋନ୍ ଉଡାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍‌ପି କହିଛନ୍ତି। ଆଜି ଶ୍ରୀମନ୍ଦିର ଉପରି ଭାଗରେ ଉଡିଥିଲା ଡ୍ରୋନ୍। ପୋଲିସ୍ ଡ୍ରୋନ୍‌ଟିକୁ



ଖସାଇବାକୁ ଚେଷ୍ଟା କରିଥିଲା। ହେଲେ ଡ୍ରୋନ୍‌ଟି ମେଘନାଦ ପାଚେରୀ, ଶ୍ରୀ ସେତୁ ଦେଇ ଦୃତ ଗତିରେ ପଳାଇ ଯାଇଥିଲା। ପୋଲିସ୍ ଡ୍ରୋନ୍‌ଟିକୁ ଧରିବାରେ ବିଫଳ ହୋଇଥିଲା। ସିସିଟିଭିରେ କଏଦ ହୋଇଥିବା ଭିଡିଓ ଫୁଟେଜ୍‌କୁ ନେଇ ପୋଲିସ୍ ତଦନ୍ତ ଚଳାଇଛି। ▶▶ପୃଷ୍ଠା ୭

## ମନ୍ତ୍ରୀଙ୍କ ଜିଲ୍ଲାରେ ମିଲରଙ୍କ ମନମାନି : ଖୋଲୁନି ମଣ୍ଡି ଓ ଉଠୁନି ଧାନ

ଢେଙ୍କାନାଳ, ୨୮/୧(ନି.ପ୍ର) : ମନ୍ତ୍ରୀ ଓ ଅଫିସରଙ୍କ ମଧ୍ୟରେ ବିବାଦ ଯୋଗୁ ଢେଙ୍କାନାଳ ଜିଲ୍ଲାରେ ଧାନ କିଣା ଠପ୍ ହୋଇଯାଇଛି। ଧାନକିଣା ପ୍ରକ୍ରିୟାରୁ ମିଲରମାନେ ଓହରି ଯାଇ ଏଫଏକ୍ୟୁ ଧାନ ନଦେଲେ ନେବୁ ନାହିଁ ବୋଲି କହିଛନ୍ତି। ସେପଟେ ଧାନ ବିକା ନେଇ ଟୋକନ ତାରିଖ ସରିଯାଉଥିବା ବେଳେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଧାନକିଣା ପ୍ରକ୍ରିୟାରୁ ମିଲରମାନେ ଓହରି ଯାଇ ଏଫଏକ୍ୟୁ ଧାନ ନଦେଲେ ନେବୁ ନାହିଁ ବୋଲି କହିଛନ୍ତି। ସେପଟେ ଧାନ ବିକା ନେଇ ଟୋକନ ତାରିଖ ସରିଯାଉଥିବା ବେଳେ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଢେଙ୍କାନାଳ ଜିଲ୍ଲାରେ ଆରମ୍ଭ ହୋଇଛି ଚାଷୀ ଆନ୍ଦୋଳନ। ମିଲରଙ୍କ ମନ ମାନି



ଯୋଗୁଁ ମଣ୍ଡି ନଖୋଲୁନି କି ଚାଷୀ ଧାନ ବିକ୍ରି କରିପାରୁନି। ଖୋଦ ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ୫ଦିନ ହେଲା ଏଭଳି ଅଚଳାବସ୍ଥା ଲାଗି ରହିବା ପରେ ତାତିଛନ୍ତି ଚାଷୀ। କାମାକ୍ଷାନଗର ସମବାୟ ସମିତିରେ ଧାନ କିଣା ଯାଉନଥିବାରୁ ଚାଷୀ ଧାରଣାରେ ବସିଛନ୍ତି । ସେପଟେ ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତରେ ଆଜି ଚାଷୀଙ୍କ ଧାନ ଉଠିବା କଥା। ମାତ୍ର ମଣ୍ଡିରେ ତାଲା ଝୁଲୁଛି । ଚାଷୀମାନେ ବସ୍ତାବସ୍ତା ଧାନ ରଖି ରାତି ଅନିଦ୍ରା ହୋଇ ଚୋର ଓ ହାତୀଙ୍କଠାରୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଛନ୍ତି । କିନ୍ତ ବିଳମ୍ବ ହେଉଥିବାରୁ କରଜ ଶୁଝିବା ଚିନ୍ତାରେ ପଡ଼ି ଚାଷୀ କଟନି ଛଟନି ପାଇଁ ମଧ ରାଜି ହୋଇଛନ୍ତି। ମିଲର ଧାନ ନେଉ ନଥିବାରୁ ଆଜି ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ ବସିଥିଲା। କିନ୍ତୁ କିଛି ନିଷ୍କର୍ସ ବାହାରି ପାରିନାହିଁ। ମିଲର କହିଛନ୍ତି, ଆମେ କଟନି ଛଟନି ଚାହୁ ନାହୁଁ । କିନ୍ତୁ ପ୍ୟାକ୍ସ ଏଫଏକ୍ୟୁ ଧାନ କିଣି ଆମକୁ ଦେବା ଦରକାର। ନହେଲେ ଧାନ ନେବୁନି। ତେବେ ମିଲର ଶୀଘ୍ର ଧାନ କିଣାରେ ସାମିଲ ହେବେ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି। ତେବେ କେବଳ ଢ଼େଙ୍କାନାଳ ନୁହେଁ ଅନ୍ୟ ଜିଲ୍ଲାମାନଙ୍କରେ ବି ସମାନ ଅବସ୍ଥା।

## ରାମରହିମଙ୍କୁ ବାରମ୍ବାର ପାରୋଲକୁ ନେଇ ବିରୋଧୀଙ୍କ ପ୍ରଶ୍ନ

ଭୁବନେଶ୍ୱର, ୨୮/୧(ନି.ପ୍ର) : ପାରୋଲକୁ ଏଥିପାଇଁ ରାଜନୀତି ସହ ଯୋଡା ହେଉଛି କାରଣ ଦିଲ୍ଲୀରେ ଡେରା ସଚ୍ଚାର ଶହ ଶହ ସମର୍ଥକ ଅଛନ୍ତି ଓ ରାମ ରହିମ ମଧ ବିଜେପି ସମର୍ଥକ । ବିରୋଧୀଙ୍କ ଅଭିଯୋଗ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଦୋଷୀକୁ ପାରୋଲରେ ବାହାରକୁ ଆଣିଛି ବିଜେପି ।ଏତତ ଦ୍ୱାରା ବିଜେପିକୁ ଭୋଟ ପାଇବରେ ରାମରହିମଙ୍କ ବଡ ଭୂମିକା ରହିପାରେ । କନକ ବ୍ୟୁରୋ : ଆସନ୍ତା ସପ୍ତାହରେ ଦିଲ୍ଲୀ ନିର୍ବାଚନ । ୫ରେ ଭୋଟ ପଡିବ ଓ ୨୮ରେ ଜେଲରୁ ପାରୋଲରେ ବାହାରିଲେ ଡେରା ସଚ୍ଚା ମୁଖ୍ୟ ରାମ ରହିମ । ଦୁର୍ଷ୍କମ ଓ ହତ୍ୟା ମାମଲାର ଦୋଷୀ ରାମ ରହିମ ହରିୟାଣା ସୁନାରିଆ ଜେଲରେ ବନ୍ଦୀ ଥିବାବେଳେ ଏପର୍ଯ୍ୟନ୍ତ ୧୨ଥର ପାରୋଲରେ ଜେଲ ବାହାରୁକ ଆସିବା ଘଟଣା ସହଜରେ ହଜମ ହେଉନି ।ଏହାକୁ ସିଧାସଳଖ ରାଜନୀତି ସହ ଯୋଡା ଗଲାଣି । ପାରୋଲକୁ ଏଥିପାଇଁ ରାଜନୀତି ସହ ଯୋଡା ହେଉଛି କାରଣ ଦିଲ୍ଲୀରେ ଡେରା ▶▶ପୃଷ୍ଠା ୭

## ଦିଲ୍ଲୀ ନିର୍ବାଚନ ପାଇଁ ସରଗରମ ରାଜନୀତି: ପ୍ରଚାର ମୈଦାନରେ ହେଭିୱେଟ

ନୂଆଦିଲ୍ଲୀ, ୨୮/୧ : ଆସନ୍ତା ସପ୍ତାହରେ ପଡିବ ଆଉ ଏବେଠୁ ସରଗରମ ପ୍ରଚାର ମୈଦାନ । ହେଭିୱେଟ ପ୍ରଚାରକଙ୍କୁ ଦଳମାନେ ପ୍ରଚାର ମୈଦାନକୁ ଓହ୍ଲାଇ ଭୋଟ ମାଗୁଛନ୍ତି । ସାଂସଦ,ବିଧାୟକ, ମୁଖ୍ୟମନ୍ତ୍ରୀ ପ୍ରଚାର ମଙ୍ଗ ସମ୍ଭାଳିଛନ୍ତି । ଏହି କ୍ରମରେ ଆଜି ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହା, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ,କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସହ ହେଭିୱେଟ ଚେହେରା ପ୍ରଚାର କରିଛନ୍ତି । ନେତାମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ ପରସ୍ପରକୁ ଆକ୍ଷେପ



କରିବା ସହ ମାଳ ମାଳ ଅଭିଯୋଗ କରିଛନ୍ତି । ଏଥରକ ଦିଲ୍ଲୀରେ ଦେଖିବାକୁ ମିଳିବ ତ୍ରିମୁଖୀ ଲଢ଼େଇ । ବିଜେପି-କଂଗ୍ରେସ ଓ ଆପ ଲଢ଼େଇ ରୋଚକ ହେବ । ଫେବ୍ରୁଆରୀ ୫ରେ ପଡିବ ଭୋଟ ଓ ୮ରେ ଭୋଟ ଗଣତି । ଆଜି ସକାଳୁ ପ୍ରଥମେ ଦିଲ୍ଲୀ ରୋହିଣୀ ଅଞ୍ଚଳରେ ଥିବା ବାଲ୍ମିକି ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି ରାହୁଲ। ପରେ ଆଖପାଖ ଅଞ୍ଚଳର ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି ବିରୋଧୀ ଦଳ ନେତା। ବସ୍ତି ଅଞ୍ଚଳର ମହିଳାଙ୍କ ସହ ଆଲୋଚନା କରିଛନ୍ତି ରାହୁଲ।

## ଆଗାମୀ ୩ ଦିନ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୨୮/୧ (ନି.ପ୍ର): ଆଗାମୀ ୩ ଦିନ ସକାଳ ସମୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଉତର ଉପକୂଳ ଓଡ଼ିଶା ସମେତ ଖୋର୍ଦ୍ଧା, ଅନୁଗୁଳ, ଢ଼େଙ୍କାନାଳ, ନୟାଗଡ଼, ଗଞ୍ଜାମ, କେନ୍ଦୁଝର, ପୁରୀ, ଗଜପତି, ମୟୂରଭଞ୍ଜ, ସୁନ୍ଦରଗଡ଼, କଳାହାଣ୍ଡି ଏବଂ କନ୍ଧମାଳ ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ସେହିପରି ୨୯ ତାରିଖ ସକାଳ ଠାରୁ ୩୦ ତାରିଖ ସକାଳ ପର୍ଯ୍ୟନ୍ତ ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢ଼େଙ୍କାନାଳ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ କଟକ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଅନୁରୂପ ଭାବେ ୩୦ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ମଧ୍ୟରେ ସକାଳ ସମୟରେ ଗଜପତି, ଗଞ୍ଜାମ, ଜଗତସିଂହପୁର, କଟକ, ନୟାଗଡ଼, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ଗ୍ରାମରକ୍ଷୀଙ୍କୁ ରାସନ ଚାଉଳ ମନା

ଭୁବନେଶ୍ୱର, ୨୮/୧(ନି.ପ୍ର) : ସରକାର ବଦଳିଲା ନିୟମ ବି ବଦଳିଗଲା । ଏଣିକି ରାସନ କାର୍ଡ ପାଇବାରୁ ବଞ୍ଚିତ ହେବେ ଗ୍ରାମରକ୍ଷୀ । ମାସକୁ ୧୮ ଶହ ଟଙ୍କା ଭତ୍ତା ପାଉଥିବା ଗ୍ରାମରକ୍ଷୀଙ୍କୁ ସରକାରୀ ଚାକିରି କହି ରାସନ କାର୍ଡ ରଦ୍ଦ କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର । ନୂଆ ନିୟମ ଲାଗୁ ହେଲେ ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇପାରନ୍ତି ୧୮ ହଜାର ଗ୍ରାମରକ୍ଷୀଙ୍କ ପରିବାର । ଏଭଳି ହେଲେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି ଗ୍ରାମରକ୍ଷୀ ସଂଘ । ମାସକୁ ମିଳୁଛି ୧୮ଶହ ଟଙ୍କା । ତାହା ପୁଣି ଦରମା ନୁହଁ ଭତ୍ତା । ଆମେ କହୁଛୁ ଗ୍ରାମରକ୍ଷୀଙ୍କ କଥା । ଭତ୍ତା ସିନା ମିଳୁଛି କିନ୍ତୁ ସରକାର କହୁଛନ୍ତି ଏମାନେ ସରକାରୀ କର୍ମଚାରୀ । ନିୟମ ଅନୁଯାୟୀ ସରକାରୀ କର୍ମଚାରୀଙ୍କ ପରିବାରଲୋକ ପାଇପାରିବେ ▶▶ପୃଷ୍ଠା ୭

## 'ଏନ୍‌ପିସିଆଇଜନିତ ସମସ୍ୟା ଥିଲେ ବ୍ୟାଙ୍କ ଯାଆନ୍ତୁ ମହିଳା, ମିଳିଯିବ ସୁଭଦ୍ରା ଟଙ୍କା' : ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୨୮/୧ (ନି.ପ୍ର): ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଏପର୍ଯ୍ୟନ୍ତ ସାମିଲ ହୋଇପାର ନଥିବା ମହିଳା ଆବେଦନକାରୀଙ୍କ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଅପଡେଟ୍ ଦେଇଛନ୍ତି। ଏନ୍‌ପିସିଆଇ ତ୍ରୁଟି ଯୋଗୁଁ ଯୋଜନାରେ ସାମିଲ ହୋଇପାରି ନଥିବା ମହିଳାମାନେ ବ୍ୟାଙ୍କକୁ ଯାଇ ସମସ୍ୟା ଦୂର କରନ୍ତୁ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସେ କହିଛନ୍ତି ଯେ,



ଏନ୍‌ପିସିଆଇଜନିତ ସମସ୍ୟା ପାଇଁ ଏପର୍ଯ୍ୟନ୍ତ ୩,୩୧,୦୦୦ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇପାରି ନାହାନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ଆସନ୍ତାକାଲି ଓ ▶▶ପୃଷ୍ଠା ୭

## ଫେବୃଆରିରେ ହେବ ମୋଦୀ-ଟ୍ରମ୍ପ ଭେଟ

ୱାସିଂଟନ, ୨୮/୧ : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀରେ ଆମେରିକା ଗସ୍ତରେ ଯିବେ । ଏହା ଆଉ କେହି ନୁହେଁ ବରଂ ଖୋଦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବେ ବୋଲି ସେ କହିଛନ୍ତି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇପାରେ । ଟ୍ରମ୍ପ୍ ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ ଏବଂ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଯାହା ଠିକ୍



ତାହା କରିବେ, ବିଶେଷକରି ଭାରତ ବେଆଇନ ପ୍ରବାସୀଙ୍କୁ ଫେରାଇ ଆଣିବା ପ୍ରସଙ୍ଗରେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଫୋନରେ ▶▶ପୃଷ୍ଠା ୭

# ଲଘୁଖଣିଜ ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ଓ ବେଆଇନ୍ ଇଟାଭାଟି ଉଚ୍ଛେଦ କରିବାକୁ ଜିଲ୍ଲାପାଳଙ୍କ ଚିଠି

ନୀଳଗିରି , ୨୮/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସୈରାତରୁ ଦୀର୍ଘଦିନ ଧରି ଲଘୁଖଣିଜ ସମ୍ପଦ ଚୋରାରେ ଉତ୍ତୋଳନ ସହିତ ଚାଲାଣ ହେବା ଏବଂ ନୀଳଗିରି ଉପଖଣ୍ଡ କୁଳଡିହା ଅଭୟାରଣ୍ୟ ଇକୋସେନସ୍ଟିଭ ଜୋନ ମଧ୍ୟରେ ବେଆଇନ୍ ଚିମିନି ଇଟାଭାଟି ଚାଲିବା ଫଳରେ ପରିବେଶ ପ୍ରଦୂଷଣ ରୋକିବା ଏବଂ ରାଜସ୍ୱ ଫାଙ୍କିବା ନେଇ ବାରମ୍ବାର ଅଭିଯୋଗ ପରେ ଘଟଣାକୁ ଗୁରୁତ୍ୱଦେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାର ସମସ୍ତ ତହସିଲଦାର, ସବକଲେକ୍ଟର ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଚିଠି କରିଛନ୍ତି। ଇକୋ ସେନସ୍ଟିଭ ଜୋନ ଅଞ୍ଚଳରୁ ଇଟାଭାଟି ଗୁଡିକ ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ସମସ୍ତ ଅଞ୍ଚଳ ସଫାକରିବା ଲଘୁଖଣିଜ ସମ୍ପଦ ଚୋରାଚାଲାଣ ଓ ଉତ୍ତୋଳନ ରୋକିବାକୁ ନେଇ ଗତ ଜାନୁଆରୀ ୨୩ତାରିଖରେ ଚିଠି କରିଥିବା ବେଳେ ଆବଶ୍ୟକ ପଡିଲେ କ୍ଷମତା ପ୍ରୟୋଗ କରିବାକୁ ଚିଠିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଲଘୁଖଣିଜ ସମ୍ପଦ ଚୋରାଚାଲାଣ ହେବା ଫଳରେ ସରକାର କୋଟିକୋଟି ଟଙ୍କା ରାଜସ୍ୱ ହରାଉଥିବା ଏବଂ ପଶୁସମ୍ପଦ ଓ ମାନବସମ୍ବଳ ଉପରେ ଘୋର ପ୍ରଭାବ ପଡୁଥିବାରୁ ଏହାର ନିରାପତ୍ତା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଜାନୁଆରୀ ୨୨ତାରିଖରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଜିଲ୍ଲାପାଳଙ୍କୁ ଭେଟି ଲଘୁ ଖଣିଜସଂପଦ ଚୋରାଚାଲାଣ ସମ୍ପର୍କରେ ବିଶଦ ଆଲୋଚନା ପରେ, ଜିଲ୍ଲାପାଳ ତତ୍ପରତା ପ୍ରକାଶ କରିଥିଲେ। ତେବେ ତୁରନ୍ତ ଜିଲ୍ଲାପାଳଙ୍କ ଚିଠିପରେ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆଗାମୀ ୨୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭକୁ ସ୍ଥଗିତ ରଖିବାକୁ ସ୍ଥିର କରାଯାଇଛି।

# ନବୀନ ପ୍ରଧାନ ଥିଲେ ସମାଜବାଦ ଆନ୍ଦୋଳନର ଜଣେ ପ୍ରମୁଖ ପୁରୋଧା

ସମ୍ବଲପୁର, ୨୮/୧ (ନି.ପ୍ର): ସମ୍ବଲପୁର କୁଲତା ସମାଜର ପକ୍ଷରୁ ଦାନୀପାଲି ସ୍ଥିତ ରାମଚଣ୍ଡୀ ସେବା ସଦନ ଠାରେ ରବିବାର କୃପାସିନ୍ଧୁ ଖମାରୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ ନବୀନ କୁମାର ପ୍ରଧାନଙ୍କ ସ୍ମୃତିଚାରଣ କରାଯାଇଥିଲା । ସ୍ୱର୍ଗତ ପ୍ରଧାନ ବରଗଡ ଜିଲା ଭଟଲି ନିକଟସ୍ଥ ଗୁଏସର ଠାରେ ୧୯୩୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ୧୯୬୬ ମସିହାରୁ ୧୯୭୪ ପର୍ଯ୍ୟନ୍ତ ଦୁଇ ଥର ବରଗଡ ବ୍ଲକ ଅଧ୍ୟକ୍ଷ, ୧୯୭୪ ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଦୁଇ ଥର ବରଗଡ଼ ବିଧାୟକ ରହିବା ସହ ୧୯୭୭ ରୁ ୧୯୮୦ ପର୍ଯ୍ୟନ୍ତ ତତ୍କାଳୀନ ନୀଳମଣି ରାଉତରାୟଙ୍କ ସରକାର ର ମନ୍ତ୍ରୀମଣ୍ଡଳ ରେ ସମବାୟ ମନ୍ତ୍ରୀ ରୂପେ ମଧ କାର୍ଯ୍ୟ ତୁଲାଇଥିବା ନେଇ ନିର୍ମଳ ପ୍ରଧାନ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ । ଏହାସହ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ବିରୋଧରେ ତାଙ୍କର ସଂଗ୍ରାମ ଏବଂ ୧୯ ମାସର କାରାବରଣ ବିଷୟରେ ଅନ୍ୟତମ ବକ୍ତା ଜଟା ଭୂଷଣ ସାହୁ କହିଥିଲେ । ଜନ ନେତା କିଷନ ପଟ୍ଟନାୟକ, ସ୍ୱର୍ଗୀୟ ଗଣନାଥ ପ୍ରଧାନଙ୍କର ସମାଜବାଦ ଆନ୍ଦୋଳନରେ ତାଙ୍କର ଯୋଗଦାନ ବିଷୟରେ ଭକ୍ତବନ୍ଧୁ ପ୍ରଧାନ ମତ ଉପସ୍ଥାପନ କରିଥିଲେ । ଏହାସହ କୁଲତା ସମାଜ ପକ୍ଷରୁ ସମାଜର ଦୁଇଜଣ ବରିଷ୍ଠ ସଦସ୍ୟ ବଡ଼ବଜାର ବିଦେଶୀ ପ୍ରଧାନ ଏବଂ ପୁଟିବନ୍ଧ ର ପୂର୍ଣ୍ଣବାସୀ ଗଡ଼ତିଆଙ୍କୁ ମଧ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ପ୍ରତି ଆକର୍ଷିତ ହୋଇ ଖଦିର ପ୍ରଚାର ପ୍ରସାର କାର୍ଯ୍ୟରେ ସାରା ଜୀବନ ଲଗାଇଥିଲେ । ସାଧାରଣ ଲୋକଙ୍କ ଜୀବନ ଜୀବିକା ପାଇଁ ସଂଘର୍ଷ ତାଙ୍କ୍ ? ସବୁଦିନ ପାଇଁ ଅମର କରି ରଖିବ ବୋଲି ବକ୍ତା ମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କୁଲତା ସମାଜର ଦେବୀ ପ୍ରସାଦ ଭୋଇ ପରିଚାଳନା କରିଥିବା ବେଳେ ସରୋଜ ପ୍ରଧାନ, ଅଭିରାମ ଖମାରୀ, ମୁରଲୀଧର ପ୍ରଧାନ, ଆନନ୍ଦ ପ୍ରଧାନ, ଛେଲିଆ ପ୍ରଧାନ, ହାରାଧନ ପ୍ରଧାନ, ଦୟାନିଧି ବିଶ୍ୱାଳ, ଟଙ୍କଧର ବାରିକ, କ୍ଷୀରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଭବାନୀଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମବାତ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୮/୧ (ନି.ପ୍ର): ବ୍ରହ୍ମପୁର ହରିହର ନଗର ଦ୍ୱିତୀୟ ସାରଣୀ ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଆଜି ସକାଳେ ଆମବାତ ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ, 'ଜଠରାଗ୍ନି ମନ୍ଦ ଥିବା ବ୍ୟକ୍ତି ଗରିଷ୍ଠ, ଅହିତକର ଆହାର ବିହାର ଦ୍ୱାରା ଯୁବକଙ୍କ ଠାରୁ ବୃଦ୍ଧ ଯାଏଁ ଆମ ସଂଚୟ ହୋଇ ଆମବାତ ରୋଗ ହୁଏ। ଆମିଷ, ପନିର, ବିରି, ଖଟା, ମଦ୍ୟପାନ ସେବନ, ଶାରିରୀକ ପରିଶ୍ରମ ନକରିବା, ଅଧିକ ରାତ୍ର ଯାଏଁ ଅନିଦ୍ରା ରହିବା ଦ୍ୱାରା ଆଙ୍ଗୁଠି ହାତ ଗୋଡ଼, ଆଣ୍ଠୁ ଫୁଲେ ବ୍ୟଥା ହୁଏ, ଜ୍ୱର ହୁଏ ଏହାକୁ ଆମବାତ କୁହଯାଏ । ଉପରୋକ୍ତ କାରଣ ସବୁ ଛାଡ଼ି ହଜମ ହେଉଥିବା ଖାଦ୍ୟ ଖାଇବେ, ଶାରିରୀକ ପରିଶ୍ରମ, ଯୋଗ, ଆସନ କରିବେ, ଶୁଣ୍ଠି ଚୂର୍ଣ୍ଣ, ରସୁଣ, ଗୋଲମରିଚ, ମୁଥା, ଜୁଆଣି ଖାଇବେ ଓ ତୈଳ ଅଭ୍ୟଙ୍ଗ କରି ଦୁଦୁରା, ଅରଖ ପତ୍ର ସେକ ଦେବା ପାଇଁ ପରାମର୍ଶ ଦେଇଥିଲେ ।

# ମାରାଂବୁରୁ ଆଦିବାସୀ ଓ ଦଳିତ ବିକାଶ ଲୋକମଞ୍ଚର ବାର୍ଷିକ ଉତ୍ସବ ଓ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ



ବାଲେଶ୍ୱର, ୨୮/୧ (ନି.ପ୍ର): ପ୍ରତିବର୍ଷଭଳି ଚଳିତବର୍ଷ 'ମାରାଂବୁରୁ ଆଦିବାସୀ ଓ ଦଳିତ ବିକାଶ ଲୋକ ମଞ୍ଚ'ର ବିଂଶତମ ବାର୍ଷିକ ଉତ୍ସବ ଓ ୭୬ତମ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଗେଡ଼ା ମୁର୍ମୁ ଅଧ୍ୟକ୍ଷତା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଉପାଧ୍ୟାୟ ସଭା ପରିଚାଳନା କରିଥିଲେ। ଭଗବାନ ମହନୀ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥି ଓ ବକ୍ତାଭାବେ ରାଜ୍ୟ ବିଧାନ ସଭାରେ ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ପୌରାଧ୍ୟକ୍ଷା ସବିତା ସାହୁ, ଅର୍ବାନ୍ ସମବାୟ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର, କାଉନ୍‌ସିଲର୍ ଦେବାଶୀଷ ସିଂହ ଓ ରଞ୍ଜିତା ମହାପାତ୍ର, ଆଇନଜୀବୀ ବେଣୁଧର ରାଉଳ, ତୁଷାରକାନ୍ତି ମହାପାତ୍ର, ନିରଞ୍ଜନ ପରିଡ଼ା ଓ ଜିତେନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗଦେଇ ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଉତ୍ସବକୁ ସ୍ୱାଗତ ଜଣାଇଥିଲେ। ଏହି ଉତ୍ସବକୁ ଆସନ୍ତା ବର୍ଷ ଠାରୁ ୩ ଦିନ ପାଇଁ ଜିଲ୍ଲାସ୍ତରୀୟ ଆଦିବାସୀ ମେଳା ଭାବେ ପାଳନ ପାଇଁ ସ୍ଥାନୀୟ ଅତିଥି ତଥା ଅନୁଷ୍ଠାନର ଶୁଭେଚ୍ଛୁ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ପ୍ରଭାତ ସାହୁ, ରଞ୍ଜନ ଭୋଇ, ସୁରଜ ବିଶାଲ, ସୁବ୍ରତ ଦାସ, ସୁଧୀର ଦାସ, ରାଜକିଶୋର ରାଉତ ଓ ଧୀରେନ୍ଦ୍ର ବାରିକ ପ୍ରମୁଖ ବିଧାୟକ ଓ ପୌରାଧ୍ୟକ୍ଷାଙ୍କୁ ନିବେଦନ କରିଥିଲେ। ଆଦିବାସୀମାନଙ୍କ ପାରମ୍ପରିକ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସରକାରୀ ଅନୁଦାନ ପ୍ରଦାନ ନିମିତ୍ତ ସ୍ଥାନୀୟ ଅଧିବାସୀମାନେ ଦାବି କରିଥିଲେ। ଏହି ଉତ୍ସବରେ ଆଦିବାସୀମାନଙ୍କ ପାରଂପରିକ ଖାଦ୍ୟ, ବସ୍ତ୍ର ଓ ଆସବାସ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଗଲେ ସେମାନେ ଉପକୃତ ହେବେ ବୋଲି ବହୁ ସ୍ଥାନୀୟ ବ୍ୟକ୍ତି ମତ ଦେଇଥିଲା। ଅନୁଷ୍ଠାନର ଦାବି ପ୍ରତି ସରକାର ସୁବିଚାର କରିବେ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। କୋଷାଧ୍ୟକ୍ଷ ମହାନ୍ତି ମାଝି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ପ୍ରଭାତରେ ଜାତୀୟ ପତାକା ଉତ୍ତୋଳନ ପରେ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା ଓ ଅପରାହ୍ନରେ ମହିଳା ଏବଂ ପୁରୁଷମାନେ ବାଦ୍ୟ ଓ ଆକର୍ଷଣୀୟ ନୃତ୍ୟରେ ଦର୍ଶକମାନଙ୍କ ମନୋରଂଜନ କରିଥିଲେ। ବାଲେଶ୍ୱର ସହର ଓ ସହର ସଂଲଗ୍ନ ପଞ୍ଚାୟତମାନଙ୍କରେ ବସବାସ କରୁଥିବା ସହସ୍ରାଧିକ ଆଦିବାସୀ ନରନାରୀ ଏହି ଉତ୍ସବରେ ଯୋଗ ଦେଇଥିଲେ।

# ୨୧ ଜଣ ବ୍ରାହ୍ମଣ ବାଳକଙ୍କ ସାମୁହିକ ବ୍ରତୋପନୟନ

ପୁରୀ, ୨୮/୧ (ନି.ପ୍ର): ମାଘ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଉତ୍କଳ ବିଦ୍ୱତ ପରିଷଦ ଆନୁକୁଲ୍ୟରେ ୪ର୍ଥ ଥର ପାଇଁ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୨୧ ଜଣ ବ୍ରାହ୍ମଣ ବାଳକଙ୍କର ନିଶୁଳ୍କ ବ୍ରତୋପନୟନ ଉତ୍କଳ ବିଦ୍ୱତ ପରିଷଦ ଆନୁକୁଲ୍ୟରେ ପାରମ୍ପାରିକ ରୀତି ନୀତି ସହ ମହାଆଡମ୍ବରେ ସମ୍ପନ୍ନ ହୋଇଛି । ଏହି ପବିତ୍ର କାର୍ଯ୍ୟକ୍ରମ ପୁରୀ ଗୁଣ୍ଡିଚା ଭକ୍ତ ନିବାସରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ୧୨ ଟି ଜିଲ୍ଲାରୁ ବ୍ରାହ୍ମଣ ବାଳକମାନେ ସେମାନଙ୍କ ପିତା ମାତା ଅଭିଭାବକଙ୍କ ସହିତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଆର୍ଥିକ ତଥା ସାମାଜିକ ବିପନ୍ନ ଥିବା ବ୍ରାହ୍ମଣ ବାଳକ ଯଜ୍ଞ ଉପବୀତ ଧାରଣ ପରେ ବ୍ରାହ୍ମଣ କର୍ମ କରି ସ୍ୱାବଲମ୍ବୀ ହୋଇପାରିବେ ସେହି ଲକ୍ଷରେ ପ୍ରତିବର୍ଷ ଉତ୍କଳ ବିଦ୍ୱତ ପରିଷଦ ଏହି ନିଶୁଳ୍କ ବ୍ରତୋପନୟନ ଆୟୋଜିତ କରି ଆସୁଛି । କାର୍ଯ୍ୟକ୍ରମରେ ପୁରୀ ତଥା ଅନ୍ୟାନ୍ୟ ସ୍ଥାନରୁ ଶ୍ରଦ୍ଧାଳୁ ଧର୍ମାନୁରାଗୀ ବ୍ୟକ୍ତି ବହୁ ସଂଖ୍ୟାରେ ଯୋଗ ଦେଇ ଥିଲେ । ଅତିଥି ମାନଙ୍କ ପାଇଁ ଜଳପାନ ସହ ପ୍ରୀତିଭୋଜନର ବ୍ୟବସ୍ଥା ହୋଇଥିଲା । ପୁରୀର ପାରମ୍ପରିକ ମଠାଧୀଶ, ଶ୍ରୀମନ୍ଦିର ର ବରିଷ୍ଠ ସେବକ ମାନେ ଯୋଗଦେଇ ବ୍ରହ୍ମଚାରି ମାନଙ୍କୁ ଆଶ୍ରିବାଦ ପ୍ରଦାନ କରିଥିଲେ । ସହଯୋଗୀ ସଂସ୍ଥାନ "ଆପଣଙ୍କ ସେବାରେ" ର ସଦସ୍ୟ ମାନେ ଦିନ ତମାମ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରିଶେଷରେ ନବ ବ୍ରହ୍ମଚାରିମାନେ ସିଂହଦ୍ୱାରକୁ ଯାଇ ପତିତପାବନଙ୍କୁ ଦର୍ଶନ କରି ନିଜ ନିଜ ଘରକୁ ବାହୁଡିଥିଲେ ।

ପରିଷଦର ସଭାପତି ମନୋଜ ରଥ, ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା, କୋଷାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ ,'ଆପଣଙ୍କ ସେବାରେ' ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ଦାସ , ସମ୍ପାଦକ ଚିତ ରଞ୍ଜନ ବିଶ୍ୱାଳ, ପୁରୀ ନଗର ସମ୍ପାଦକ ବିରଂଚି ମିଶ୍ର, ଦିବ୍ୟରଞ୍ଜନ ଦାଶ, ରଞ୍ଜେଶ ସାହୁ, ଦେବୀ ବ୍ରହ୍ମା , କୃଷ୍ଣ ଚନ୍ଦ୍ର ମିଶ୍ର ,ଦେବେନ୍ଦ୍ର ମହାରଣା, ସୁଶାନ୍ତ ଦାସ, ସିସେନ ପ୍ରତିହାରୀ, ଅନୁପମା କର,ସୌମ୍ୟଶ୍ରୀ ଆଶ୍ରିବାଦ, ଜଗଦୀଶ ପ୍ରଧାନ, ଅର୍ଜୁନ ମହାରଣା,ସତ୍ୟଦୀପ ମିଶ୍ର, ଶାନ୍ତିଲତା ପରିଡା, ପ୍ରଭାତ ପଣ୍ଡା, ମିହିର ଜେନା, ସଞ୍ଜୟ ବେହେରା, ଦେବାନନ୍ଦ ମିଶ୍ର, ପ୍ରକୃତି ବନ୍ଧୁ ବଦ୍ରି ମିଶ୍ର , ଗଣେଶ୍ୱର ମହାସୁଆର , ଗଣେଶ ମହାପାତ୍ର , ଭଗବାନ ମିଶ୍ର , ଲକ୍ଷ୍ମୀପ୍ରିୟା ସାହୁ, କୃଷ୍ଣ ମିଶ୍ର, ଅର୍ଚ୍ଚନା ରଥ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକୁ ସୁପରିଚାଳନା କରିଥିଲେ ।

# ଉତ୍ତମ ଶିଶୁ ସ୍ୱାସ୍ଥ୍ୟ ପ୍ରଦର୍ଶନୀ

ବଲାଙ୍ଗିର, ୨୮/୧ (ନି.ପ୍ର): ଶିଶୁ ବିକାଶ କେନ୍ଦ୍ରର ମାଣିକ୍ୟ ଜୟନ୍ତୀ ଅବସରରେ ଶିଶୁ ବିକାଶ କେନ୍ଦ୍ର ଓ ଗୋପବନ୍ଧୁ କ୍ଲବର ସହଯୋଗରେ ଗୋପବନ୍ଧୁ ନଗରରେ ଉତ୍ତମ ଶିଶୁ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଓ ରୂପସଜ୍ଜା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଡା. ଅଶୋକ କୁମାର ସେଠୀ ଓ ଡା. ଭାରତୀ ଦାସ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରିକ୍ଷା କରିଥିବା ବେଳେ ଶିଶୁ ରୂପସଜ୍ଜା ପ୍ରଦର୍ଶନୀରେ ହୃଷିକେଶ ପୁରୋହିତ ଓ ଧିରେନ୍ଦ୍ର ନାରାୟଣ ସିଂହଦେଓ ବିଚାରକ ଭାବେ ଯୋଗ ଦେଇଥିଲେ । ଜନ୍ମରୁ ଏକ ବର୍ଷର ଅଙ୍କିତ ସାହୁ, ଶ୍ରୀୟାନସ୍ ବାଗ, ତୃପ୍ତିରେଖା ସାହୁ ଓ ପ୍ରିୟାନସି ଜାଲ ଓ ଏକ ବର୍ଷରୁ ଦୁଇ ବର୍ଷର ଶ୍ରୀମୟୀ ସାହୁ, ସିନୁ ମେହେର, ଶିବାଂଶୁ ମେହେର ଏବଂ ଦ୍ୱିତୀୟ ରୁ ତୃତୀୟ ବର୍ଗ ର ଅହିଲ ପଟେଲ, ଗୌତମ ବେରିଆ ଓ ଜ୍ୟୋତିର୍ମୟୀ ସେଠଙ୍କୁ ଉତମ ସ୍ୱାସ୍ଥ୍ୟ ପାଇଁ ପୁରସ୍କୃତ କରାଯାଇଥିଲେ । ସେହିପରି ରୂପସଜ୍ଜା ପ୍ରଦର୍ଶନୀରେ ରିତିକା ପଟେଲଙ୍କୁ ପ୍ରବୀଣ ଶ୍ରୀ, ଆଶୁତୋଷ ସାହୁଙ୍କ ତପନଶ୍ରୀ ଓ ଶ୍ରାବଣୀ ପଟେଲଙ୍କୁ ଶିଶୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସଭାପତି ମଦନ ମୋହନ ରଥ ଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଡା. ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି, ଡା. ଅଶୋକ କୁମାର ସେଠି ମୁଖ୍ୟବକ୍ତା, ଉପଦେଷ୍ଟା ଜୟରାମ ମିଶ୍ର ଓ ଶିଶୁ ସୁରକ୍ଷା ବିଭାଗର ଅରୁଣ ଖୁଆସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କର ଉତମ ସ୍ୱାସ୍ଥ୍ୟ ଉପରେ ଓ ଶିଶୁର ବିଭିନ୍ନ ଦିଗର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ଶିକ୍ଷାବିତ କପିଳ ପତି ମଧ ମତବ୍ୟକ୍ତ କରିଥିଲେ । ସଭାକୁ ପରିଚାଳନା କରିଥିଲେ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର । ଉକ୍ତ କାର୍ଯ୍ୟକ୍ରମକୁ ଦୁର୍ଗାଚରଣ ସାହୁ, ପ୍ରଶାନ୍ତ ଷଡଙ୍ଗୀ, ନେପାଳ ସାହୁ, ସୁରେନ୍ଦ୍ର ପୁଟେଲ, ବାଳମୁକୁନ୍ଦ ମାଝି, ଶାନ୍ତନୁ କୁମାର ମିଶ୍ର, ଭଗବାନ ସାହୁ, ବୃନ୍ଦାବନ ସାହୁ ଓ ଲବ ସାହୁ । ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନ ସଂଗ୍ରହ ତ୍ୱରାନ୍ୱିତ: ୧୬୬ ମଣ୍ଡି ମାଧ୍ୟମରେ ଧାନ କ୍ରୟ

ପୁରୀ, ୨୮/୧ (ନି.ପ୍ର): ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି ।ଜିଲ୍ଲାର କୃଷକ ମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକଙ୍କ ଠାରୁ ୧୧୬୮୬୦୨ କ୍ୟୁଂଟାଲ ୯୪ କି.ଗ୍ରା ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଚଳିତ ମାସ ୨୭ ତାରିଖ ସୁଦ୍ଧା ୧୮୭ ଟି ମଣ୍ଡି ମଧ୍ୟରୁ ଖୋଲାଯାଇଥିବା ୧୬୬ ଟି ମଣ୍ଡିରେ ୫୯୯୦ କୃଷକଙ୍କ ଠାରୁ ୨୬୪୪୧୪ କ୍ୟୁଂଟାଲ ୧୩ କି.ଗ୍ରା. ଧାନ ସଂଗ୍ରହ ହୋଇଛି । ୪୮୭୨ କୃଷକଙ୍କୁ ୫୦୦୬୨୧୧୨୮ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୨୪୬୫ ଜଣ କୃଷକ ୨୫୫୩୪୫୭୭୦ ଟଙ୍କା ପ୍ରାପ୍ତ ହୋଇଛନ୍ତି । ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି ।

## ଧନପୁରରେ ପଂଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୨୮/୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଦିନ ୧୧ ଟାରେ ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଜିପଡିଓ ଭାଗିରଥି ନାୟକ, ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ରାସ୍ତା ନିର୍ମାଣ , ପାନୀୟ ଜଳ , ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ। ଏହି ଶିବିର ଅପରାହ୍ନ ୨ଟାରେ ଶେଷ ହୋଇଥିଲା । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

# ଫେବୃୟାରୀ ୧୫ରୁ ୧୭ ତାରିଖ ଗୋପାଳପୁର ବେଳାଭୂମି ମହୋତ୍ସବ: ୧୫ରୁ ୧୯ ପଲ୍ଲୀଶ୍ରୀ ମେଳା

ଗଞ୍ଜାମ, ୨୮/୧ (ନି.ପ୍ର): ଚଳିତ ବର୍ଷ ଗୋପାଳପୁର ବେଳାଭୂମି ମହୋତ୍ସବ ଫେବୃୟାରୀ ମାସ ୧୫ ତାରିଖ ଠାରୁ ୧୭ ତାରିଖ ତିନିଦିନ ଏବଂ ପଲ୍ଲିଶ୍ରୀ ମେଳା ପ୍ରତି ବର୍ଷ ଭଳି ଅତିରିକ୍ତ ଆଉ ଦୁଇଦିନ ଚାଲିବ । ପଲ୍ଲିଶ୍ରୀ ମେଳା ୧୫ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଅଛି । ଚଳିତ ବର୍ଷ ଓରମାସ୍ ପକ୍ଷରୁ ୩୦୦ ଗୋଟି ଷ୍ଟଲରେ ବ୍ୟବସ୍ଥା ହେବ । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାର ମିଶନ୍ ଶକ୍ତି ମାଆ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକ ପ୍ରଦର୍ଶନ ସହିତ ବିକ୍ରିବଟା ମଧ ହେବ । ତା ସହିତ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସରକାରୀ ଯୋଜନା ସମ୍ପର୍କିତ ପ୍ରଦର୍ଶନ କରାଯିବ । ପୂର୍ବ ବର୍ଷ ଭଳି ଚଳିତ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ କଳାକାର, ଲୋକ କଳାକାର, ଅନ୍ୟ ଜିଲ୍ଲାର କଳାକାର, ବାହାର ରାଜ୍ୟର କଳାକାର ଏବଂ ମେଗା ଇଭେଂଟ ମଧ ପ୍ରସ୍ତୁତ ହେବ । ଏଥି ସକାଶେ ପ୍ରସ୍ତୁତି କାର୍ଯ୍ୟ କରାଯାଇଅଛି । ଖାଦ୍ୟ ମେଳା, ବାଲୁକା କଳା ପ୍ରଭୃତି ଆୟୋଜନ ହେବ । ବିଭିନ୍ନ ଲାଇନ୍ ବିଭାଗୀୟ କାର୍ଯ୍ୟକାରିତା ଘେନି ସମସ୍ତ ବିଭାଗଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ସ୍ମରଣୀକା ଶାମୁକା ପ୍ରକାଶିତ ହେବ । ଏଥି ନିମନ୍ତେ ପ୍ରବନ୍ଧ ଲେଖା ଗୁଡିକ ଫେବୃୟାରୀ ୫ ତାରିଖ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଠାରେ ଦାଖଲ କରିବା ପାଇଁ ଲେଖକବୃନ୍ଦଙ୍କୁ ଅନୁରୋଧ କରାଯାଉଛି । ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଫେବୃୟାରୀ ମାସ ୩ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଅନୁଷ୍ଠାନର କଳାକାର ମାନଙ୍କ ସାଂସ୍କୃତିକ ନୃତ୍ୟ ଚୟନ ପ୍ରତିଯୋଗିତା ବ୍ରହ୍ମପୁରସ୍ଥ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ଅପରାହ୍ନ ୩ଟା ଠାରୁ ସଂଧ୍ୟା ୬ ଟା ମଧ୍ୟରେ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବା ସକାଶେ ଇଚ୍ଛୁକ ଥିବା ଅନୁଷ୍ଠାନ ଗୁଡିକ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଫେବୃୟାରୀ ୧ ତାରିଖ ସୁଦ୍ଧା ଲିଖିତ ଆବେଦନ କରି ଚୟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ । ଏଥିରେ ଚୟନ ହୋଇଥିବା ଦଳଙ୍କୁ ଗୋପାଳପୁର ବେଳାଭୂମି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ ନିମନ୍ତେ ସୁଯୋଗ ପ୍ରଦାନ କରାଯିବ ।

# ବିନିକାଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୪୪ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୨୮/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୪ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୦ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଟିଏ ଦରଖାସ୍ତ ତୁରନ୍ତ ସମାଧାନ କରାଯାଇଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସିଂହୀଯୁବା ଗ୍ରାମପଂଚାୟତର ଦିବ୍ୟାଙ୍ଗ ତପନ କୁମାର ଶର୍ମାଙ୍କୁ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ । ବିଡିଓ ମଂଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସମେତ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପଲ୍ଲବୀ ରାଜ ରାଣୀ, ମୁଖ୍ୟ ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଡା. ପ୍ରଦୀପ କୁମାର ଗୁରୁ , ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରୁଦ୍ର ଦେବ ରାଉତ, ପି ଡି ଜଳଛାୟା ଦେବରାଜ ଦାସ,ପୀଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଅଜାତଶତ୍ରୁ ସାହୁ,ଆର ଡବ୍ଲୁ ଏସ ଏସ ଅଧିକ୍ଷଣ ଯନ୍ତ୍ରୀ ତପନ କୁମାର ପ୍ରଧାନ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ମାନ୍ୟବର ସାଂସଦ ବଲାଙ୍ଗୀର ଙ୍କ ବ୍ଲକ ପ୍ରତିନିଧି ବାବୁଲା ବିଶି, ବ୍ଲକ ଉପାଧ୍ୟକ୍ଷ ନିର୍ମଳ ସାଣ୍ଡ, ଅତିରିକ୍ତ ନିର୍ଦ୍ଦେଶକ ଉଦ୍ୟାନକୃଷି ହୃଷିକେଶ ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ,ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ,ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଚିନ୍ମୟ ମେହେର, ତହସିଲଦାର ବିନିକା ସୀତାରାମ ଭୋଇ,ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ,ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା କମିଟି ପକ୍ଷରୁ ନୂତନ ନିର୍ବାଚିତ ସଭାପତି ଶଶାଙ୍କ ଶେଖର ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ବରିଷ୍ଠ ବିଜେପି ନେତ୍ରୀ ତଥା ମହିଳା ମୋର୍ଚ୍ଚା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ପ୍ରିୟଦର୍ଶିନୀ ନନ୍ଦ, ଝିଲ୍ଲୀ ଦାସ, ନମିତା ବଳ, ମନିଷା ପଣ୍ଡା ପ୍ରମୁଖ ସଭାପତି ଶ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ନେତୃତ୍ୱରେ ଜିଲ୍ଲା ସଂଗଠନ ଅଧିକ ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନମନ୍ଦିର, କଦମପଡା, ବଲାଙ୍ଗୀରକୁ ସାନ୍ଦୀପନୀ ଗୁରୁକୁଳ ସମ୍ମାନ

ବଲାଙ୍ଗିର, ୨୮/୧ (ନି.ପ୍ର): ଶିକ୍ଷା ର ଉନ୍ନତି ହିଁ ଦେଶ ର ଉନ୍ନତି, ଏହି ଉଦ୍ଦେଶ୍ୟ ନେଇ ବଲାଙ୍ଗୀର ଜିଲ୍ଲାର ସମାଜ ସେବକ ଭାଗ୍ୟବାନ ସାହୁ ତାଙ୍କ ସ୍ୱର୍ଗୀୟ ମାତା ପିତା ଲକ୍ଷ୍ମୀ ସାହୁ ଓ ଭୀମ ସାହୁଙ୍କ ସ୍ମୃତିରେ ବଲାଙ୍ଗୀର ଜିଲ୍ଲାରେ ଯେଉଁ ଓଡ଼ିଆ ମିଡ଼ିଅମ୍ ସରକାରୀ ଓ ବେସରକାରି ସ୍କୁଲର ଏଏଚଏସସି ପରୀକ୍ଷାରେ ଛାତ୍ର/ ଛାତ୍ରୀ ସର୍ବଶ୍ରେଷ୍ଠ ମାର୍କ ରଖିଥିବେ ସେହି ସ୍କୁଲ ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନ ଦେବା ପାଇଁ ସେହି ସ୍କୁଲକୁ ସାନ୍ଦୀପନୀ ଗୁରୁକୁଳ ସମ୍ମାନ ଦିଆଯାଏ। ଏହି ଗତ ୨୦୨୪ ବର୍ଷର ଏଏଚଏସସି ପରୀକ୍ଷାରେ ବଲାଙ୍ଗୀର ଜିଲ୍ଲାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, କଦମପଡା ବଲାଙ୍ଗୀର ର ଛାତ୍ରୀ ସୁଶ୍ରୀ ଶୋହାନି ନାଏକ ୯୪.୬୬% ମାର୍କ ରଖିଥିବାରୁ ଏହି ସ୍କୁଲ କୁ ସାନ୍ଦୀପନୀ ଗୁରୁକୁଳ ସମ୍ମାନ ଦିଆଯାଉଛି। ଏହି ସମ୍ମାନ ପ୍ରତି ବର୍ଷ ଗୋଟିଏ ସ୍କୁଲକୁ ଦିଆଯାଏ।

# ବିଷାକ୍ତ ଫଳ ଖାଇ ୧୦ରୁ ଉର୍ଦ୍ଧ୍ୱ ଶିଶୁ ଆହତ: ମେଡିକାଲରେ ଭର୍ତ୍ତି

ଧର୍ମଶାଳା, ୨୮/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳାବ୍ଲକ ହାଟ ସାହି ଗ୍ରାମରେ ଅଘଟଣ । ବିଷାକ୍ତ ଫଳ ଖାଇ ୧୦ରୁ ଉର୍ଦ୍ଧ୍ୱ ଶିଶୁ ଆହତ ହୋଇଥିବା ଜଣାପଡିଛି । ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ଆହତ ଶିଶୁମାନଙ୍କ ମଧ୍ୟରେ ୧୧ ବର୍ଷ ପର୍ଯ୍ୟନ୍ତ ଶିଶୁ ରହିଥିବା ଜଣାପଡିଛି । ଅଧା ଶିଶୁଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ସୂଚନା ମୁତାବକ, ଆଜି ଧର୍ମଶାଳା ବ୍ଲକ ହାଟ ସାହିର ଶିଶୁମାନେ ଖେଳୁ ଥିବା ସମୟରେ କିଛି ବିଷାକ୍ତ ଫଳ ଖାଇ ଦେଇଥିଲେ । ଫଳ ଖାଇବାର କିଛି ସମୟ ପରେ ସେମାନେ ବାନ୍ତି କରିବାକୁ ଆରମ୍ଭ କରିଥିଲେ । ବାନ୍ତି ହେବା ପରେ ସେମାନେ ଅସୁସ୍ଥ ହୋଇ ପଡିଥିଲେ । ପରିବାର ଲୋକେ ଦେଖି ସେମାନଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଏବଂ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ବିଭାଜନ ଅପେକ୍ଷାରେ ପାକିସ୍ତାନ



## ବିଷ୍ଣୁ ପ୍ରସାଦ ଦାସ

ଆମ ପଡୋଶୀ ପାକିସ୍ତାନ୍ ବର୍ତ୍ତମାନ ଅସ୍ଥିର ଅବସ୍ଥା ଦେଇ ଗତି କରୁଛି , ବେକାରୀ ସମସ୍ୟା , ଖାଦ୍ୟାଭାବ, ରାଜନୈତିକ ଅସ୍ଥିରତା, ଆର୍ଥିକ ସ୍ଥିତିରେ କ୍ରମାଗତ ନିମ୍ନଗାମୀ ହେଉଥିବା ପାକିସ୍ତାନ୍ ସରକାର ବେଲୁଚିସ୍ତାନ୍ ପ୍ରଦେଶ ନିମନ୍ତେ ଖୁବ୍ ଚିନ୍ତିତ । ସାମାନ୍ୟ ଟିକେ ହେୟ ଜ୍ଞାନ କରିଲେ ହୁଏତ ବେଲୁଚିସ୍ତାନ୍ ପାକିସ୍ତାନ୍ ଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶ ହୋଇ ଯାଇ ପାରେ, ଅତୀତରେ ପାକିସ୍ତାନ୍ ର ଅଦୂରଦୃଷ୍ଟିତା ତଥା କ୍ଷମତା ଲୋଭ ପାଇଁ ୧୯୭୧ ମସିହାରେ ପୂର୍ବ ପାକିସ୍ତାନ୍ ପଶ୍ଚିମ ପାକିସ୍ତାନ୍ ଠାରୁ ଅଲଗା ହୋଇ ଏକ ନୂତନ ଦେଶ ' ବାଂଲାଦେଶ ' ର ଜନ୍ମ ହେଲା । ଯେଉଁ ଦେଶର ଶାସକ ପାତର ଅନ୍ତର କରି ନିଜ ଦେଶର କିଛି ଅଂଶ ବିଶେଷ , କିଛି ନିର୍ଦ୍ଦିଷ୍ଟ ଅଧିବାସୀ , କିଛି ରାଜନୈତିକ ତଥା ଅସୂୟା ମନୋଭାବ ରଖି ନାଗରିକଙ୍କୁ ଶୋଷଣ କରିବା, ଅତ୍ୟାଚାର କରିବା, ଶିକ୍ଷା, ସ୍ୱାସ୍ଥ୍ୟ , ଉପଯୁକ୍ତ ଖାଦ୍ୟ ପେୟ , ଜଳ, ଗମନା ଗମନ ପ୍ରତି ଦୃଷ୍ଟି ନଦେବା ମାନବିକ ଅଧିକାର ଉଲଘଂନ କରିବା ପରି କାର୍ଯ୍ୟ ବା ନୀତି ପ୍ରଣୟନ କରି ଥା'ନ୍ତି ସେହି ଦେଶର ଅତ୍ୟାଚାରିତ ଜନତା ସଂଘବଦ୍ଧ ହୋଇ ସରକାରଙ୍କ ବିରୋଧୀ ହେବା ଏକ ସାଧାରଣ କଥା ହୋଇ ଥାଏ । ପାକିସ୍ତାନ୍ କ୍ଷେତ୍ରରେ ଯଦିଓ ରାଜନୈତିକ ନେତା ମାନେ ବେଲୁଚିସ୍ତାନ୍ ପାଇଁ କିଛିଟା କୋହଳ ମନୋଭାବ ପ୍ରକାଶ କରୁଛନ୍ତି କିନ୍ତୁ ସାମରିକ ମୁଖ୍ୟ ସଦା ସର୍ବଦା ପାକିସ୍ତାନ୍ ରାଜନୀତିରେ ହସ୍ତକ୍ଷେପ କରି ନିଜର ଜିଦ୍ ରେ ସରକାରଙ୍କୁ ପ୍ରଭାବିତ କରୁଛନ୍ତି ଅନ୍ୟଥା ରାଜନୈତିକ ଶାସକ ମୁଖ୍ୟଙ୍କୁ ବହିଷ୍କାର, ବନ୍ଦୀ ତଥା ଅନେକ ନିର୍ଯାତନାର ଶିକାର ହେବାକୁ ପଡୁଛି , ସରକାର ଭାଙ୍ଗି ଯାଉଛି । ସେନା ମୁଖ୍ୟ ନିଜ ଅଧିକାର ବାହାରକୁ ଯାଇ ଦେଶକୁ ତଳି ତଳାନ୍ତ କରିବା ସହିତ ଆତଙ୍କବାଦୀ ମାନଙ୍କୁ ପଡୋଶୀ ଦେଶ ବିରୁଦ୍ଧରେ ନିୟୋଜିତ କରୁଛନ୍ତି ଯାହାକି ବିଶ୍ୱ ବାସିଙ୍କ ସମ୍ମୁଖ ରେ ଏକ ନିନ୍ଦନୀୟ କାର୍ଯ୍ୟ ରୂପେ ପରିଗଣିତ ହୋଇଛି । ଇତିହାସ କହେ ଆଜି ପର୍ଯ୍ୟନ୍ତ ପାକିସ୍ତାନରେ କୌଣସି ରାଜନୈତିକ ନିର୍ବାଚିତ ପ୍ରଧାନ ମନ୍ତ୍ରୀ ନିରବଚ୍ଛିନ୍ନ ଭାବେ ପାଞ୍ଚ ବର୍ଷ କାର୍ଯ୍ୟ କରି ପାରି ନାହାନ୍ତି, ଏହା ପାକିସ୍ତାନ୍ ବାସିଙ୍କ ଲାଗି ଏକ ବିଡମ୍ବନା ମାତ୍ର । ପାକିସ୍ତାନର କ୍ଷେତ୍ରଫଳ ୮୮୧୯୧୩ ବର୍ଗ କିଲୋମିଟର ତନ୍ମଧ୍ରରୁ ୧,୦୪୬ କିମି ବେଳାଭୂମି ଆରବ ସାଗର ଲୋହିତ ସାଗରକୁ ଛୁଇଁଛି । ପାକିସ୍ତାନ୍ ଦେଶ ୪ ଗୋଟି ରାଜ୍ୟର ସମଷ୍ଟି ସେଗୁଡିକ ହେଲା ; ବେଲୁଚିସ୍ତାନ୍ , ଖାଇବର୍ ପାକତୁନ୍ ଖାଓବା, ସିନ୍ଧ ଏବଂ ପଞ୍ଜାବ ପ୍ରଦେଶ । ବେଲୁଚିସ୍ତାନ୍ ପ୍ରଦେଶ ସମୁଦାୟ ପାକିସ୍ତାନ୍ କ୍ଷେତ୍ରଫଳର ପ୍ରାୟ ୪୪ ପ୍ରତିଶତ ବା ୩୪୭୧୯୦ ବର୍ଗ କିଲୋମିଟର ବ୍ୟାପି ପାକିସ୍ତାନର ଏକ ବଡ଼ ପ୍ରଦେଶ , ଏଠାକାର ଅଧିବାସୀ ମାନଙ୍କୁ ବେଲୁଚ୍ କୁହାଯାଏ । ଏମାନଙ୍କ ସଂଖ୍ୟା ୧,୪୮,୯୪,୪୦୨ ଏବଂ ଏହି ପ୍ରଦେଶର ରାଜଧାନୀ କ୍ୱେଟା । ବେଲୁଚିସ୍ତାନ୍ ର ଇତିହାସକୁ ଯଦି ତର୍ଜମା କରିବା ତେବେ ଭାରତ, ପାକିସ୍ତାନ୍ ବ୍ରିଟିଶ ଶାସନ ଅଧୀନରେ ଥିଲା କିନ୍ତୁ ସେହି ସମୟରେ ବେଲୁଚିସ୍ତାନ୍ ସିଧା ସଳଖ ବ୍ରିଟିଶ ଶାସନ ଅଧୀନରେ ନଥିବାରୁ ଦେଶ ସ୍ୱାଧୀନ ହେବା ସମୟରେ ବେଲୁଚିସ୍ତାନ୍ ନିଜ ଇଚ୍ଛା ଅନୁସାରେ ପାକିସ୍ତାନ କିମ୍ବା ଭାରତରେ ମିଶିବା ପାଇଁ ନିଜ ମତ ସାବ୍ୟସ୍ତ କରିବାର ଅଧିକାର ଥିଲା କିମ୍ବା ନିଜେ ଏକ ସ୍ୱାଧୀନ ରାଷ୍ଟ୍ର ହୋଇ ରହିବାର ଅଧିକାର ମଧ୍ୟ ଥିଲା । ସେହି ସମୟରେ ବେଲୁଚିସ୍ତାନ୍ ରେ ୪ ଗୋଟି ରାଜ୍ୟ ଥିଲା ସେଗୁଡିକ ହେଲା ; କଲାତ୍ , ଖରାମ୍ , ଲସ୍ ବେଲା , ଏବଂ ମକ୍ ରାନ୍ । ଯେତେବେଳେ ଦେଶ ବିଭାଜନର ସମୟ ଉପନୀତ ହେଲା ସେହି ସମୟରେ କଲାତ୍ କୁ ଛାଡ଼ି ଅନ୍ୟ ତିନି ରାଜ୍ୟ ପାକିସ୍ତାନ୍ ସହିତ ମିଶିବାକୁ ନିଜର ସହମତି ଦେଇଥିଲେ କିନ୍ତୁ କଲାତ୍ ପାକିସ୍ତାନ୍ ସହିତ ମିଶ୍ରଣକୁ ନାକଚ କରି ଦେଇ ଥିଲା , ସେଠାକାର ଶାସକ ମୀର୍ ଅହମ୍ମଦ ଖାଁ ନିଜ ରାଜ୍ୟକୁ ଭାରତ ସହିତ ସାମିଲ୍ କରିବାକୁ ଇଛା ପ୍ରକାଶ କରିଥିଲେ । ୧୯୪୬ କ୍ୟାବିନେଟ ମିଶନ୍ ଯେତେ ବେଳେ ଭାରତ ଆସିଥିଲା ସେ ନିଜ ତରଫରୁ ଓକିଲ ହିସାବରେ ମହମ୍ମଦ ଅଲ୍ଲୀ ଜିନ୍ନା ଙ୍କୁ ନିଯୁକ୍ତ କରିଥିଲେ । ଜିନ୍ନା ଯୁକ୍ତି ବାଢ଼ିଥିଲେ ଯେ କଲାତ୍ କୁ ସ୍ୱାଧୀନ ଦେଶ କରି ଦିଆ ଯାଉ । ଅନେକ ଘାତ ପ୍ରତିଘାତ ମଧ୍ୟରେ ଭାରତୀୟ ନେତାଙ୍କ ଅସହଯୋଗ ପାଇଁ କଲାତ୍ ଭାରତରେ ମିଶି ପାରିଲା ନାହିଁ କି ପାକିସ୍ତାନ ସହିତ ହାତ ମିଶାଇଲା ନାହିଁ, ଏକ ସ୍ୱାଧୀନ ରାଷ୍ଟ୍ର ହୋଇ ରହିଗଲା । କଲାତ୍ ପରି ଏକ ଛୋଟ ଲ୍ୟାଣ୍ଡ ଲକ୍ ସ୍ୱାଧୀନ ଦେଶ ଦେଶ ପାକିସ୍ତାନର ଚାପ ଆଗରେ ଆଉ କେତେଦିନ ସଂଗ୍ରାମ କରି ପାରିଥାନ୍ତା ? ଶେଷରେ ୨୮ ମାର୍ଚ୍ଚ ୧୯୪୮ ମସିହା ଦିନ ପାକିସ୍ତାନ୍ ର ଜିନ୍ନା ସରକାର କଲାତ୍ ଉପରେ ଆକ୍ରମଣ କରି କଲାତ୍ ର ଶାସନ ମୁଖ୍ୟ ମୀର୍ ଅହମ୍ମଦ ଖାଁ ଙ୍କୁ ବଳ ପ୍ରୟୋଗ କରି କରାଚୀ କୁ ଅପହରଣ କରି ନେଇ ଥିଲେ ଏବଂ ଜୋର ଜବରଦସ୍ତ ତାଙ୍କ ଠାରୁ ମିଶ୍ରଣ ପତ୍ର ଉପରେ ସ୍ୱାକ୍ଷର ନିଆ ଯାଇଥିଲା, ଭାଗ୍ୟର ବିଡମ୍ବନା ୨୨୫ ଦିନର ସ୍ୱାଧୀନ ରାଷ୍ଟ୍ର ଶେଷରେ ପାକିସ୍ତାନର ଏକ ଅଂଶ ହୋଇ ରହିଗଲା ।

ବେଲୁଚ୍ ମାନେ ଯଦିଓ ମୁସଲମାନ୍ ସମ୍ପ୍ରଦାୟର ତଥାପି ସେମାନଙ୍କ କଳା ସଂସ୍କୃତି ପାକିସ୍ତାନୀ ମାନଙ୍କ ଠାରୁ ଅଲଗା ସେମାନେ ଇରାନ ଏବଂ ଆଫଗାନ୍ ସଭ୍ୟତା ସହିତ କିଛି ମାତ୍ରାରେ ଜଡିତ, ତେଣୁ ପାକିସ୍ତାନ୍ ର ସିନ୍ଧ , ପଞ୍ଜାବ ପ୍ରଦେଶର ଲୋକେ ବେଲୁଚ୍ ମାନଙ୍କୁ ନ୍ୟୁନ ଚକ୍ଷୁରେ ଦେଖନ୍ତି । ସରକାରଙ୍କ ସବୁ ପ୍ରକାର ସୁବିଧା ସୁଯୋଗ ଅନ୍ୟ ପ୍ରଦେଶର ଜନତା ପାଉଥିବା ସମୟରେ ବେଲୁଚ୍ ମାନେ ସେଥିରୁ ବଞ୍ଚିତ ତଥା ଶିକ୍ଷା ସ୍ୱାସ୍ଥ୍ୟ , ଖାଦ୍ୟ ପେୟ , ଆର୍ଥିକ ସ୍ଥିତି ସବୁଥିରେ ଅବହେଳିତ ହେଉଛନ୍ତି , ବେଲୁଚ୍ ମାନେ ସରକାର ବିରୋଧରେ ସ୍ୱର ଉତ୍ତୋଳନ ସହିତ ସ୍ୱାଧୀନ ଦେଶ ହେବାର ଆଶା ନେଇ ବିଦ୍ରୋହ କରୁଛନ୍ତି । ବେଲୁଚିସ୍ତାନ୍ ରେ ପାକିସ୍ତାନ୍ ଏକ ପ୍ରକାର ଦମନ ଲୀଳା ଚଳାଇ ବିଦ୍ରୋହକୁ ଦମନ କରିବାକୁ ଚେଷ୍ଟା କରୁଛି କିନ୍ତୁ ଏହା ସଫଳ ହୋଇ ପାରୁନାହିଁ , ଅନେକ ନେତା ମାନଙ୍କୁ ହତ୍ୟା କରିବା, ଜେଲ୍ ରେ ନିକ୍ଷେପ କରା ଯାଉଛି । ଏହାର ଭୂମି ତଳ ଅନେକ ଅମୁଲ୍ୟ ସମ୍ପଦରେ ପରିପୂର୍ଣ୍ଣ ହୋଇ ରହିଛି , ସୁନା ,ୟୁରାନିୟମ , ପେଟ୍ରୋଲ, ଗ୍ୟାସ ପରି ଦୁର୍ମୁଲ୍ୟ ପଦାର୍ଥ ର ଭଣ୍ଡାର ପାକିସ୍ତାନ ପାଇଁ ଏକ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାକୃତିକ ଗ୍ୟାସ୍ ତଥା ଖଣିଜ ପଦାର୍ଥ ରେ ପରିପୂର୍ଣ୍ଣ ବେଲୁଚିସ୍ତାନ୍ ରୁ ପାକିସ୍ତାନ୍ ସରକାର୍ ଭରପୂର ଲାଭ ଉଠାଇ ପଞ୍ଜାବ, ସିନ୍ଧ ଅଞ୍ଚଳରେ ବ୍ୟବହାର କରୁଥିବା ସମୟରେ ବେଲୁଚ୍ ମାନେ ସଦା ସର୍ବଦା ଅବହେଳିତ ହେଉଛନ୍ତି । ବେଲୁଚିସ୍ତାନ୍ ରେ ଦୁଇ ସମ୍ପ୍ରଦାୟର ଲୋକ ବାସ କରନ୍ତି ସେମାନେ ହେଲେ ପସ୍ତୁନ୍ ଏବଂ ବେଲୁଚ୍ ଜାତି ପଶ୍ଚିମରେ ୪୮ ପ୍ରତିଶତ ପସ୍ତୁନ୍ ମାନେ ରହୁଥିବା ବେଳେ ମଧ୍ୟ ଏବଂ ଦକ୍ଷିଣରେ ୫୦ ପ୍ରତିଶତ ବେଲୁଚ୍ ବସବାସ କରନ୍ତି । ପସ୍ତୁନ୍ ମାନେ ଅନେକଟା ଉନ୍ନତ ତଥା ଶିକ୍ଷା ଦୀକ୍ଷାରେ ବେଲୁଚ୍ ମାନଙ୍କ ଠାରୁ ମଧ୍ୟ ଆଗରେ ରହିଛନ୍ତି । ଦୁଇ ସମ୍ପ୍ରଦାୟ ପରସ୍ପର ଠାରୁ ସମ୍ପୂର୍ଣ୍ଣ ଅଲଗା ସଂସ୍କୃତି , ରୀତିନୀତି, ଚାଲିଚଳନ କୁ ପାଥେୟ କରି ଚାଲିଛନ୍ତି । ପାକିସ୍ତାନର ତିନୋଟି ନୌସେନା କେନ୍ଦ୍ର ମଧ୍ୟ ଏହି ପ୍ରଦେଶରେ ଅବସ୍ଥିତ , ପାକିସ୍ତାନ ନିଜର ଆଣବିକ ପରୀକ୍ଷା ମଧ୍ୟ ଏହି ବେଲୁଚିସ୍ତାନ ପ୍ରଦେଶରେ କରିଥିଲା , ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବେଲୁଚିସ୍ତାନ ପ୍ରଦେଶରେ ଥିବା ବିରାଟ ସାମୁଦ୍ରିକ ଗ୍ୱାଦର୍ ବନ୍ଦରକୁ ପାକିସ୍ତାନ୍ ସରକାର ଚୀନ୍ କୁ ଲିଜ୍ ବା ଚୁକ୍ତି କରି ଦେଇ ଦେଇଛି ଏବଂ ସି :ପି :ଇ :ସି ବା ଚାଇନା -ପାକିସ୍ତାନ୍ -ଇକୋନୋମିକ୍ କରିଡୋର୍ ଯାହାକି ଚୀନ୍ ଦେଶରୁ ବେଲୁଚିସ୍ତାନ୍ ମଧ୍ୟ ଦେଇ ଗ୍ୱାଦର୍ ଏଡଇଉଇଜ ବନ୍ଦର ପର୍ଯ୍ୟନ୍ତ ଯିବ ଯାହାଦ୍ୱାରା ଚୀନ୍ ଅନେକ ସୁବିଧା ସୁଯୋଗ ପାଇବା ସହିତ ବେଲୁଚିସ୍ତାନ୍ ରେ ଗଚ୍ଛିତ ଖଣିଜ ସମ୍ପଦ ତୈଳ ଇତ୍ୟାଦି ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି ଯାହାକୁ କି ବେଲୁଚ୍ ମାନେ ବିରୋଧ କରି ଆସୁଛନ୍ତି । ଏତେ ଖଣିଜ ସମ୍ପଦର ଅଧିକାରୀ ଏହି ବେଲୁଚ୍ ମାନେ କାହିଁକି ଆଜି ଏତେ ଦରିଦ୍ର ? କାହିଁକି ପାକିସ୍ତାନ ୭୦ ପ୍ରତିଶତ ବେଲୁଚ୍ ମାନଙ୍କୁ ତାଙ୍କର ସର୍ବ ନିମ୍ନ ଅଧିକାରରୁ ବଞ୍ଚିତ କରୁଛି? କାହିଁକି ପାକିସ୍ତାନ୍ ମାନବିକ ଅଧିକାର ଉଲଂଘନ କରୁଛି ? କାହିଁକି ବେଲୁଚ୍ ମାନେ ଆଜି ପାକିସ୍ତାନ ରୁ ଅଲଗା ହେବାକୁ ଚାହୁଁଛନ୍ତି ? ସେଠାରେ ୧୮ ଲକ୍ଷରୁ ଅଧିକ ପିଲା ସ୍କୁଲ ଯିବାରୁ ବଞ୍ଚିତ , ପାଞ୍ଚ ହଜାର ସ୍କୁଲ ଆଜି ଅବହେଳିତ ,ସ୍ୱାସ୍ଥ୍ୟ ସେବା ନାହିଁ କହିଲେ ଚଳେ , ଶିଶୁ ମୃତ୍ୟୁ ହାର ଅନେକ ବେଶୀ, ମହିଳା ମାନେ ନିର୍ଯାତିତ ଅବହେଳିତ, ପାନୀୟ ଜଳର ଘୋର ଅଭାବ ତଥା ସେନା /ପ୍ରଶାସନର ଅସହ୍ୟ ଚାପ ଜନ ଜୀବନକୁ ଅସ୍ତ ବ୍ୟସ୍ତ କରି ପକାଉଛି । ୨୦୦୦ ମସିହାରୁ ବି :ଏଲ :ଏ ବା ବେଲୁଚିସ୍ତାନ୍ ଲିବରେସନ୍ ଆର୍ମି ଜନ୍ମ ନେଇ ଏକ ସ୍ୱତନ୍ତ୍ର ଦେଶ ପାଇଁ ପାକିସ୍ତାନ ବିରୋଧରେ ସଂଗ୍ରାମ ଚଳାଇ ଆସିଛି, ଏକ ସ୍ୱତନ୍ତ୍ର ଜାତୀୟ ପତାକା ମଧ୍ୟ ପ୍ରଚଳିତ କରିଛି, ଅନେକ ମହିଳା ଏଥିରେ ସାମିଲ୍ ହୋଇ ସଂଗ୍ରାମ ଚଳାଇଛନ୍ତି । ପାକିସ୍ତାନ୍ ସରକାର ଏମାନଙ୍କୁ ଆତଙ୍କବାଦୀ ତାଲିକାରେ ରଖି ଦମନ କରି ଚାଲିଛନ୍ତି କିନ୍ତୁ ଏହି ଦମନକୁ ଏମାନେ ନିଜ ଶକ୍ତି ଦ୍ୱାରା ମୁକାବିଲା କରୁଛନ୍ତି । ଇରାନ୍ ଏବଂ ଆଫଗାନିସ୍ତାନ୍ ରୁ ଏମାନଙ୍କୁ ଅର୍ଥିକ / ସାମରିକ ଅସ୍ତ୍ର ଶସ୍ତ୍ରର ସହାୟତା ଦିଆ ଯାଉଛି, ନିଜର ହକ୍ ପାଇଁ ଲଢୁଥିବା ବିଦ୍ରୋହୀ ଗୋଷ୍ଠୀଙ୍କୁ ଅନେକ ସ୍ଥାନରୁ ସମର୍ଥନ ମିଳୁଛି । ହୁଏତ ଭବିଷ୍ୟତର ଏକ ଶୁଭ ସକାଳର ସୂର୍ଯ୍ୟୋଦୟ ସହିତ ଏମାନେ ନିଜକୁ ଏକ ସ୍ୱତନ୍ତ୍ର ସ୍ୱାଧୀନ ଦେଶର ନାଗରିକ ଭାବେ ବିଶ୍ୱରେ ପରିଚିତ କରାଇବେ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଅପରାଧ ନୁହେଁ ବରଂ ଏକ ଜନ୍ମଗତ ଅଧିକାର ବୋଲି ବିବେଚନା କରାଯାଏ ।

ଜୟ ହିନ୍ଦ୍ ।

+ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୬

# ସମକାଳୀନ ରାଜନୀତି ଓ ସାଧୁ ସନ୍ଥ



## ଗୋପାଳ ମହାପାତ୍ର

ଆଜିକାଲି ପ୍ରିଣ୍ଟ ଏବଂ ଟିଭି ମିଡିଆରେ ସାଧୁ, ସନ୍ଥ ଏବଂ ଯୋଗୀମାନେ ଭାରତର ରାଜନୀତି ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରିଣ୍ଟ ମିଡିଆରେ ବିବୃତି ଦେଉଛନ୍ତି ଓ ଟିଭିରେ ବଡ଼ ବଡ଼ କଥା ମଧ୍ୟ କହୁଛନ୍ତି। ଭାରତର ସମ୍ବିଧାନ ଅନୁସାରେ ସାଧୁ, ସନ୍ଥ ଓ ଯୋଗୀ ମାନେ ନିର୍ବାଚନୀ ରାଜନୀତି କରିପାରିବେ। ନିର୍ବାଚନ ଲଢିବା ନାଗରିକ ମାନଙ୍କ ଅଧିକାର। ସମାଜର ଏହି ସମ୍ମାନୀତ ଶ୍ରେଣୀର ବ୍ୟକ୍ତି ମାନେ ନିର୍ବାଚନର ରାଜନୀତି କରିବା ପାଇଁ ସେମାନଙ୍କୁ ସାମ୍ବିଧାନିକ ଅଧିକାର ମିଳିଛି। ଏଣୁ ଏମାନେ କାହିଁକି ରାଜନୀତି କରୁଛନ୍ତି ବୋଲି ପ୍ରଶ୍ନ ଉଠାଇବା ଠିକ୍ ନୁହେଁ। କିନ୍ତୁ ପ୍ରଶ୍ନ ଉଠିପାରେ ଯେ କ'ଣ ଏଇ ସମ୍ମାନୀତ ଶ୍ରେଣୀର ବୋଲି କୁହାଯାଉଥିବା ବ୍ୟକ୍ତିବିଶେଷ ଯେଉଁମାନେ ରାଜନୀତି କରୁଛନ୍ତି ସେମାନଙ୍କ ଆଚରଣ, ବ୍ୟବହାର ସାଧୁ-ସନ୍ଥ-ଯୋଗୀ ମାନଙ୍କର ଶାସ୍ତ୍ରୋକ୍ତ ଗୁଣ- ବ୍ୟବହାର - ଦୃଷ୍ଟି (ଭିଜନ)ର ଅନୁଚାପ କି? ଏକଥା ମଧ୍ୟ ଶୁଣାଯାଏ ଯେ ଧର୍ମ ବିନା ରାଜନୀତି କରାଯାଇ ପାରିବ ନାହିଁ। ଜଣେ ସାଧାରଣ ଲୋକର ଦୃଷ୍ଟିରେ ଏଇ ଚର୍ଚ୍ଚା - ପରିଚର୍ଚ୍ଚାକୁ ଆମେ ବୁଝିବାକୁ ପ୍ରୟାସ କରିବା ଉଚିତ୍। ସାଧାରଣ ଭାବେ ସବୁଧର୍ମ ଯଥା – ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ, ଜୈନ, ଶିଖ, ବୌଦ୍ଧ ଧର୍ମରେ ସନ୍ଥ, ମହାତ୍ମା, ଯୋଗୀଙ୍କ କର୍ତ୍ତବ୍ୟ, ଗୁଣ ଆଦି ଉପରେ ସମ୍ବନ୍ଧିତ ଶାସ୍ତ୍ର ମାନଙ୍କରେ ଉଲ୍ଲେଖ ରହିଛି। ଦୈନିକ ଜୀବନରେ ମଧ୍ୟ ପ୍ରତ୍ୟେକ୍ଷ ରପରେ ଶାସ୍ତ୍ରୋକ୍ତ କଥା ମଧ୍ୟ ଦେଖାଯିବା କଥା। ହିନ୍ଦୁ ଧର୍ମରେ ସମାଜର ଏଇ ସମ୍ମାନୀତ ଶ୍ରେଣୀର ଲୋକଙ୍କୁ ସାଧୁ, ସନ୍ଥ, ଯୋଗୀ ଆଦି ନାମ ଦିଆଯାଇଥାଏ। ଇସଲାମ ଧର୍ମରେ ଏଭଳି ଲୋକଙ୍କୁ ପୀର, ଓଲିଆ, ଦରବେଶ ଆଦି କୁହାଯାଏ ଓ ଖ୍ରୀଷ୍ଟ ଧର୍ମରେ ଏଭଳି ଲୋକଙ୍କୁ ମୁଖ୍ୟତଃ ସନ୍ଥର ନାମ ଦିଆଯାଇଥାଏ।

ହିନ୍ଦୁ ଧର୍ମରେ ସାଧୁ, ସନ୍ଥ ଓ ଯୋଗୀ ତିନି ଭିନ୍ନ ଭିନ୍ନ ଶ୍ରେଣୀର ବ୍ୟକ୍ତି ଅଛନ୍ତି। ସାଧୁଙ୍କ ପରିଚୟ- ସବୁ ମଣିଷଙ୍କ ପ୍ରତି ସାଧୁଙ୍କ ବ୍ୟବହାରରେ ଶାନ୍ତି ଓ ସମତା, ନମ୍ରତା, ସଦ୍?ବ୍ୟବହାର ଦେଖାଯାଇଥାଏ। ସାଧୁଙ୍କ ଆଚରଣ- ବ୍ୟବହାର- ବାର୍ତ୍ତାଳାପ ସତ୍ୟ ଉପରେ ଆଧାରିତ ହେବା ଉଚିତ୍। ସାଧୁମାନଙ୍କ ମଧ୍ୟରେ ସହନଶୀଳତା, ଜୀବମାତ୍ର ପ୍ରତି ଦୟା ରହିଥାଏ। ସାଧୁଙ୍କର କେହି ଶତ୍ରୁ ନଥାନ୍ତି। ସେମାନେ ତାଙ୍କ ନିଜ ଶରୀର ଉପରେ ଓ ମନ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରଖିପାରିଥାନ୍ତି। ସଚ୍ଚା ସାଧୁଙ୍କ ମୁହଁରୁ ଅନ୍ୟ ଧର୍ମ, ବ୍ୟକ୍ତିଙ୍କ ପାଇଁ ନିନ୍ଦା ବା ଅପଶବ୍ଦ ବାହାରି ନଥାଏ। କଥାବାର୍ତ୍ତା ବା ଭାଷାରେ ସାଧାରଣ ଲୋକେ ସାଧୁଙ୍କ ବ୍ୟବହାର- ଆଚରଣରେ ଏଭଳି କଥା ଦେଖିବାକୁ ଚାହିଁଥାନ୍ତି। ସେମାନଙ୍କ ମନରେ ମୋହ, ମାୟାର, ବିକାର ଉତ୍ପନ୍ନ ହୋଇନଥାଏ। ଅଧିକ ସରଳତାରେ ସାଧୁଙ୍କ ପ୍ରସିଦ୍ଧି ହେଉଛି ସେମାନେ ସମ, ସଦ୍‌ବ୍ୟବହାରୀ ଓ ଜ୍ଞାନୀ ହୋଇଥାନ୍ତି। କିନ୍ତୁ ଏଭଳି ସାଧୁ ଦୁର୍ଲଭ। ଏମାନେ କେବଳ ସମାଜକୁ ଜ୍ଞାନ ବାଣ୍ଟିଥାନ୍ତି, ରାଜନୀତି ନୁହେଁ। କୁହାଯାଏ – "ଜାତ ନ ପୁଛୋ। ସାଧୁକି ପୁଛ ଲିଜିଏ ଜ୍ଞାନ, ମୋଲ କରେ ତଲବାର କା ଆଦିରହଣ ଦୋ ମ୍ୟାନ" - ଅର୍ଥାତ୍ ସାଧୁଙ୍କୁ ଜାତି ପଚାରିବା ଅନାବଶ୍ୟକ କାରଣ ତାଙ୍କ ଜାତି ହେଉଛି ଜ୍ଞାନ- କେଉଁ ପରିବାର, ଧର୍ମ, ଜାତିରେ ସେ ଜନ୍ମଗ୍ରହଣ କରିଛନ୍ତି ତାହା ସମତ୍ୱହୀନ ଅଟେ।" ସନ୍ଥ ହେବା ପାଇଁ ସେହିମାନଙ୍କର ଯୋଗ୍ୟତା ରହିଛି ଯେଉଁମାନେ ସତ୍ୟବାଦୀ ଓ ଆତ୍ମଜ୍ଞାନୀ। ଏହି ଗୁଣ ସନ୍ଥଙ୍କ ବ୍ୟବହାର, ଆଚରଣରେ ଦେଖାଯାଇଥାଏ। ଅନେକ ପ୍ରସିଦ୍ଧ ଗୃହସ୍ଥ ମଧ୍ୟ ସନ୍ଥ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରୁ କବୀରଦାସ ଅନ୍ୟତମ। କବୀରଦାସଙ୍କ ଭଳି ଅନେକ ମଧ୍ୟ ଅଛନ୍ତି। ସନ୍ଥ ଶବ୍ଦରେ ସାଧୁ, ସନ୍ୟାସୀ ଓ ତ୍ୟାଗୀ ସାମିଲ ଅଛନ୍ତି।

ଜଣେ ସଚ୍ଚା ଯୋଗୀ ତାଙ୍କର ଜ୍ଞାନକୁ ଠିକଭାବରେ ଜନହିତରେ ସଦୁପଯୋଗ କରିଥାନ୍ତି। ଏମାନେ ନିଜ ଶରୀରକୁ ଈଶ୍ୱରୀୟ କାର୍ଯ୍ୟ ପୁରଣ କରିବାର ସାଧନ ବୋଲି ମାନିଥାନ୍ତି। ମନ ଏବଂ ଇନ୍ଦ୍ରିୟ ଉପରେ ସେମାନଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ଥାଏ, ସେମାନଙ୍କର କୌଣସି ଅଭିମାନ ନଥାଏ। ଯୋଗୀ ଅପରିଗ୍ରହୀ ହୋଇଥାନ୍ତି ଅର୍ଥାତ୍ ଏମାନେ ଅନାବଶ୍ୟକ ଧନଦୌଲତ- ସାଧନର ସଂଗ୍ରହଣ କରିଥାନ୍ତି। ଯୋଗୀ ମାନଙ୍କର ଏକ ପ୍ରମୁଖ ଲକ୍ଷଣ ହେଉଛି "ଆତ୍ମବତ୍ ସର୍ବଭୁତେସୁ" ଅର୍ଥାତ୍ ସର୍ବତ୍ର ଏବଂ ସମସ୍ତଙ୍କ ମଧ୍ୟରେ ଈଶ୍ୱରୀୟ ସତ୍ତାକୁ ସେମାନେ ଦେଖିଥାନ୍ତି। ଯୋଗୀ ମାନଙ୍କର ଅହଂକାର ନଥାଏ ଓ ଏମାନେ ନିଜର ମାନବୀୟ ମୂଲ୍ୟକୁ ନିସଙ୍କୋଚରେ ସ୍ୱୀକାର କରିଥାନ୍ତି। ସମ-ବିଷମ ସବୁ ପରିସ୍ଥିତିକୁ ସମାନ ଭାବରେ ଦେଖିଥାନ୍ତି। ଯୋଗୀଙ୍କ ବ୍ୟବହାର - ଆଚରଣ- ବାଣୀ- କର୍ମରେ ସର୍ବତ୍ର- ସଦୈବ ପରହିତର ଭାବନା ଥାଏ। ସାମାଜିକ ଓ ଧାର୍ମିକ ଦୃଷ୍ଟିରେ ଏଭଳି ଅତି ମର୍ଯ୍ୟଦାପୂର୍ଣ୍ଣ ପଦବୀର ଧାରକ ରାଜନୀତିରେ ସେମାନଙ୍କ ଆଚରଣ ଏବଂ ଗୁଣକୁ ପଦବୀର ଅନୁରୂପ ରଖି ପାରିଛନ୍ତି ନା ନାହିଁ ସେ କଥା ଦେଖିବା ଦରକାର। ଏକଥା ମଧ୍ୟ ଜାଣିବା ଦରକାର ଯେ ରାଜନୀତିକୁ ଆସିବାପରେ ଏମାନେ କ'ଣ ଠିକ୍ ଅର୍ଥରେ ଏହି ପଦବୀର ପାତ୍ର ନା ନାହିଁ? ପ୍ରାୟତଃ ଦେଖାଯାଇଥାଏ ଯେ ଏହି ଶ୍ରେଣୀର କିଛି ରାଜନୈତିଜ୍ଞ ଅତ୍ୟନ୍ତ ଦ୍ୱେଷପୂର୍ଣ୍ଣ ଓ ମନୁଷ୍ୟଙ୍କ ମଧ୍ୟରେ ଭେଦଭାବ କରିବା ଭଳି ଭାଷା ପ୍ରୟୋଗ କରୁଛନ୍ତି। ଏଣୁ ଏମାନେ ସନ୍ଥ, ସାଧୁ ବା ଯୋଗୀ ଭଳି ଗରିମାମୟ ପଦବୀକୁ କେମିତି ଧାରଣ କରିପାରିବେ? ଏମାନେ ସନ୍ଥ, ସାଧୁ ଓ ଯୋଗୀ ପଦବାଚ୍ୟ କି? ସାଧାରଣତଃ ଦେଖାଯାଇଥାଏ ଯେ ଅନେକ ବ୍ୟକ୍ତି ସାଧୁ, ସାଧ୍ୱୀ, ସନ୍ଥ, ଯୋଗୀ ଭଳି ଅତ୍ୟନ୍ତ ସମ୍ମାନୀତ ପଦବୀର ବ୍ୟବହାର କରି ରାଜନୀତି କରୁଛନ୍ତି କିନ୍ତୁ ସେମାନଙ୍କ ଆଚରଣ ସେମାନଙ୍କ ପଦବୀର ଅନୁରୂପ ନୁହେଁ।

ସାଧୁସନ୍ଥଙ୍କ ବ୍ୟତୀତ ରହିଛନ୍ତି କଥାବାଚକ। ଏମାନଙ୍କ ଦୁନିଆ ବଡ଼ ଅଦ୍?ଭୁତ। ଏମାନଙ୍କ ନାମ ସହ ବଡ଼ ବଡ଼ ଧାର୍ମିକ ପଦବୀ ଯୋଡି ଦିଆଯାଇଛି। ସମାଜରେ ଓ ରାଜନୀତିରେ ମଧ୍ୟ ଏମାନଙ୍କର ପ୍ରଭାବ ରହିଛି। ଆଜିକାଲି ଏମାନେ ଆକ୍ରୋଶିତ ଭାଷାରେ ରାତିଦିନ ସେମାନଙ୍କର ବକ୍ତବ୍ୟ ଦେବାରେ ଲାଗିଛନ୍ତି। କେହି ଏମିତି ନିସ୍ୱାର୍ଥ ଭାବରେ ବା ବିନା ଅର୍ଥରେ କରୁଛନ୍ତି ଓ ଅନେକ ମଧ୍ୟ କଥାବାଚନ ପାଇଁ ଫିସ ମଧ୍ୟ ନେଉଛନ୍ତି। ଏମାନେ ଯେ ପରୋପକାର ପାଇଁ ଏଭଳି କରୁଛନ୍ତି ସେକଥା କୁହାଯାଇ ପାରିବ ନାହିଁ। ଅନେକ ଲୋକ ସେମାନଙ୍କ ବ୍ୟବସାୟ, ଦୋକାନ ଏବଂ ଉତ୍ପାଦକୁ ଦେବୀ-ଦେବତା, ଭଗବାନଙ୍କ ଅବତାର ନାମରେ ନାମିତ କରୁଛନ୍ତି, ଏହା କ'ଣ ଉଚିତ୍ କି? ସାର୍ବଜନିକ ସ୍ଥଳ ଓ ଭୂମିରେ ମନ୍ଦିର ମସଜିଦ ନିର୍ମାଣ କରାଯାଉଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ମନରେ ଧର୍ମକୁ ନେଇ ପ୍ରଭାବ ପଡୁଛି, ହିନ୍ଦୁ ଓ ମୁସଲିମ୍ ଧର୍ମର କଥାବାଚକ ମାନଙ୍କର ଲୋକଙ୍କ ଉପରେ ପ୍ରଭାବ ରହିଛି, ଏମାନେ ତାଙ୍କ ଅନୁଗାମୀ/ଭକ୍ତ ମାନଙ୍କୁ ସତ୍‌ମାର୍ଗ ଦେଖାଇବା ଉଚିତ୍। ଏବେ ଧର୍ମ ଧର୍ମ ମଧ୍ୟରେ ବିଦ୍ୱେଷଭାବେ ଅଧିକ ହେବାରେ ଲାଗିଛି। ସବୁ ଧର୍ମର ସମ୍ମାନୀୟ ମାନେ ଧାର୍ମିକ ବିଦ୍ୱେଷକୁ ଦୂର କରିବା ଦିଗରେ ପ୍ରଚେଷ୍ଟା କରିବା ପରିବର୍ତ୍ତେ ବିଦ୍ୱେଷକୁ ବହୁଗୁଣିତ କରିବା ପାଇଁ ଚେଷ୍ଟା କରୁଛନ୍ତି ଯାହା ମାନବ ସମାଜ ପାଇଁ ଚିନ୍ତାଜନ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଏହା ଦୂର ହେବା ସର୍ବାଦୌ ଆବଶ୍ୟକ ଅନ୍ୟଥା -------।

+ରାମଚନ୍ଦ୍ରପୁର, ରଣପୁର
ମୋ :-୯୪୩୮୪୮୫୦୯୪

# "କଳିଯୁଗୀ ଅବତାର, ସଗୁଣ ବ୍ରହ୍ମ ସାଚାର, ଅବତୀର୍ଣ୍ଣ ଝାଲାସେ, ସ୍ୱାମୀ ଦତ୍ତ ଦିଗମ୍ବର"

## ହୈମବତୀ ନନ୍ଦନ ଭୂୟାଁ



ଉନ୍ନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ। କଳିଯୁଗର ଏ ଘୋର କରାଳ ସମୟରେ ଧରାପୃଷ୍ଠରେ ଶିରିଡ଼ି ଗ୍ରାମରେ ପ୍ରଥମ କରି ଜଣେ ଅତି ରୂପବନ୍ତ, ଦିବ୍ୟ, ତେଜସ୍ୱୀ, ସଦା ଆତ୍ମଚିନ୍ତନରେ ଲୀନ, ତ୍ୟାଗର ପ୍ରତୀକ, ଅସୀମ ଜ୍ଞାନସମ୍ପନ୍ନ ଫକୀର ବେଶଧାରୀ ଯୁବକଙ୍କୁ ଦେଖି ହତପ୍ରଭ ପାଲଟିଯାଇଥିବା ଶିରିଡ଼ି ଗ୍ରାମବାସୀ ତାଙ୍କର ପରିଚୟ ପଚାରିଲେ। କିନ୍ତୁ ବାଳକ ଜଣକ ତାଙ୍କର ମୌନ ଭଙ୍ଗ କଲେ ନାହିଁ। ସମାଧିବସ୍ଥାରେ ଲୀନ ହୋଇ ରହିଥିଲେ। ଅଚାନକ ଦିନେ ସେ ଅଦୃଶ୍ୟ ହୋଇଗଲେ। ଶିରିଡ଼ି ଗ୍ରାମର ଖଣ୍ଡୋବା ମନ୍ଦିର ନିକଟରେ କିଛି ଦିନ ପରେ ତାଙ୍କର ପୁନରାଗମନ ଦେଖି ମନ୍ଦିରର ପୂଜକ ମହଲସାପତିଙ୍କ ଭିତରେ ଐଶ୍ୱରୀୟ ଭାବନାର ସଂଦର୍ଶନ ହେଲା ଏବଂ ସେ ତାଙ୍କୁ 'ଆଓ ସାଇ' କହି ତାଙ୍କର ହାର୍ଦ୍ଦିକ ସ୍ୱାଗତ କଲେ। ତା'ପର ଠାରୁ ଏହା ଉକ୍ତ ଫକିରଙ୍କ ପରିଚୟ ପାଲଟିଗଲା। ସାଇବାବାଙ୍କର ପ୍ରସିଦ୍ଧ ଏକାଦଶବାଣୀ ମଧ୍ୟରୁ ଗୋଟିଏ ହେଉଛି 'ଯିଏ ମୋତେ ଯେଉଁପରି ଭଜେ (ଭଜନ କରେ), ମୁଁ ତାକୁ ସେହିପରି ରୂପରେ ପ୍ରାପ୍ତ ହୋଇଥାଏ। 'ଯୋ ଭଜେଗା ମୁଝେ ଜିସ ଭାବ୍ ସେ, ପାଏଗା ବହ ବୈସା ହୀ ରୂପ ମୁଝମେ।' ସାଇ ବାବାଙ୍କ ଏହି ଉକ୍ତିର ମର୍ମ ଅସଂଖ୍ୟ ବ୍ୟକ୍ତି ସାଇ ଅବତାର କାଳରେ ଅନୁଭବ କରିଛନ୍ତି ଏବଂ ତାଙ୍କର ସମାଧିସ୍ଥ ହେବା ପରେ ମଧ୍ୟ ଏହା ଅନୁଭବ କରୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଜଞ୍ଜାଳମୟ ସଂସାରରେ ଆମ ଶରୀର ଯେତେବେଳେ ଅବଶକ୍ରମେ ମନ ଭିତରେ ସୃଷ୍ଟି ହୁଏ ପ୍ରବଳ ଉଦବେଗ ସେତେବେଳେ ଶିରିଡ଼ି ସାଇ ବାବାଙ୍କ ମୂର୍ତ୍ତି ବା ଫଟୋ ସମ୍ମୁଖରେ ଠିଆ ହୋଇ ତାଙ୍କ ପାଦ ତଳେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଥାଉ। ଏହା ଶରୀରରେ ବିଶ୍ୱାସ ଭରି ଦିଏ ଓ କର୍ମକ୍ଷେତ୍ରରେ ସ୍ୱାଭାବିକତା ପାଇଁ ଶକ୍ତି ପ୍ରେରଣା ଯୋଗାଏ। ଏହି ମର୍ମରେ ଆସନ୍ତୁ ଶିରିଡ଼ି ସାଇ ବାବାଙ୍କ ପଥର ଉପରେ ବସିବାର ବିଗ୍ରହକୁ ଭଲ ଭାବେ ଟିକିଏ ଚିନ୍ତା କରିବା। ଏକ ପଥର ଉପରେ ବାବା ଯେପରି ନିଜର ଡାହାଣ ଗୋଡ଼କୁ ବାମ ଗୋଡ଼ର ଆଣ୍ଠୁ ଉପରେ ରଖି ଡାହାଣ ଗୋଡ଼ର ବୁଢ଼ା ଆଙ୍ଗୁଠି ଉପରେ ବାମ ହାତର ବୁଢ଼ା, ତର୍ଜନୀ ଏବଂ ମଧ୍ୟ ଅଙ୍ଗୁଳି ରଖି ବସିଥାନ୍ତି ତାହା ଅତି ଚମତ୍କାର। ବାବାଙ୍କର ଏହି ଚିତ୍ରଟି ବିପଦ ଓ ସମ୍ପଦ ସମୟରେ ମଧ୍ୟ ଭକ୍ତର ମାନସପଟ୍ଟରେ ନାଚି ଉଠେ। ବାବାଙ୍କର ଏହି ବସିବା ଠାଣିଟି ସବୁ ସମୟରେ ଭକ୍ତଜନଙ୍କୁ ଆନନ୍ଦ ପ୍ରଦାନ କରିଥାଏ। ବାବାଙ୍କ ପଦ୍ମପାଦ ତଳେ ନିଜକୁ ସମର୍ପଣ କରିଦେଲେ ମନର ସବୁ ବ୍ୟସ୍ତତା ଦୂର ହୋଇଥାଏ। ମୋକ୍ଷ ନିମନ୍ତେ ପ୍ରଭୁଙ୍କ ପାଦ ଦର୍ଶନ ହେଉଛି ଭକ୍ତ ନିମନ୍ତେ ସରଳ ମାର୍ଗ। ବାବାଙ୍କର ଏହି ବସିବା ଭଙ୍ଗୀକୁ ଜଟାଜୁଟ ଶିବଙ୍କର ନଟରାଜ ମୁଦ୍ରା ସହିତ ତୁଳନା କରାଯାଇପାରେ। ବାବା ତାଙ୍କର ଏହି ମୁଦ୍ରାରେ ହାତ ଓ ପାଦ ମାଧ୍ୟମରେ ଭକ୍ତ ମାନଙ୍କୁ ମୋକ୍ଷର ମାର୍ଗ ପ୍ରଦର୍ଶନ କରୁଛନ୍ତି। ବାବାଙ୍କର ଏହି ବସିବା ଠାଣିରେ ଦକ୍ଷିଣ ହାତଟି ବରାଭୟ ମୁଦ୍ରାରେ ରହିଛି। ମନରେ କୌଣସି ଭୟ ନରଖି କର୍ମ କରିଯିବା ନିମନ୍ତେ ଭକ୍ତକୁ ବାବା ତାଙ୍କର ଦକ୍ଷିଣ ହାତର ଅଭୟ ମୁଦ୍ରା ମାଧ୍ୟମରେ ଅଭୟ ପ୍ରଦାନ କରିଛନ୍ତି। ଏହି କର୍ମମୟ, କର୍ମପୂର୍ଣ୍ଣ ଓ କର୍ମବ୍ୟସ୍ତ ସଂସାରଟି ବାସ୍ତବରେ କ୍ଷଣସ୍ଥାୟୀ। ଜୀବାତ୍ମାଟି ମାୟାର କବଳରେ ପଡ଼ି ନିଜର ମୂଳ ଲକ୍ଷ୍ୟକୁ ଭୁଲିଯାଇ କିଛି ମୁହୂର୍ତ୍ତ ପାଇଁ ବାଟବଣା ହୋଇଯାଇଥାଏ। ଶିବ ତାଣ୍ଡବ ନୃତ୍ୟ ମାଧ୍ୟମରେ ଜୀବନ ଚେତନାକୁ ଜାଗ୍ରତ କରିବାପରି ଠିକ ସେହିପରି ବାବା ଅନେକ ସମୟରେ ମିଛ କ୍ରୋଧ ପ୍ରକାଶ କରି ଭକ୍ତଜନଙ୍କୁ ଚେତାଇ ଦିଅନ୍ତି ଯେ ଏ ଅଳିକ ସଂସାରରେ ତୁମେ ନିମିତ୍ତ ମାତ୍ର ଏହାର ଦିନେ ନା ଦିନେ ଅନ୍ତଃ ହିଁ ରହିଛି ତେଣୁ ମନରେ ଗର୍ବ ଭାବ ପୋଷଣ ପରିତ୍ୟାଗ କର। ଅହଂ ଭାବରୁ ମୁକ୍ତ ଥିବା ସମୟରେ ଜଣେ ତାର ପ୍ରଭୁଙ୍କୁ ଧ୍ୟାନ କରିଥାଏ କିନ୍ତୁ ଅହଂକାର ଯାତ ହେବାମାତ୍ରେ ନିଜକୁ କର୍ତ୍ତା ଭାବି ପ୍ରଭୁଙ୍କ ସ୍ଥିତିକୁ ଅବଜ୍ଞା କରିଥାଏ। ଏହି ଅବଜ୍ଞା ଭାବର ଉଦୟ ହେଉଥିବାର ଆଭାସ ପାଇବା ମାତ୍ରେ ବାବାଙ୍କର ବରାଭୟ ମୁଦ୍ରାରେ ବସିବା ଠାଣି ମନରେ ଆଣିବାକୁ ଭକ୍ତ ଉଦ୍ୟମ କରିବା ଦ୍ୱାରା ନିଜକୁ ଅହଂ ଭାବରୁ ମୁକ୍ତ ରଖିପାରିବ। ଶିରିଡ଼ି ସାଇନାଥଙ୍କୁ ଆମେ ସମସ୍ତେ କାହିଁକି ସଦଗୁରୁ କହିଥାଉ ? ସଦଗୁରୁଙ୍କ ଆନନ୍ଦ ଭାବ ହେଉଛି ବଡ଼ ପ୍ରମୁଖ ଗୁଣ ଯାହାଙ୍କର କେହି ଶତ୍ରୁ ନଥାନ୍ତି। ସେମାନେ କାହାରି କ୍ଷତି ଚିନ୍ତା କରନ୍ତି ନାହିଁ। ବାବା ସବୁବେଳେ ଆନନ୍ଦିତ ରହୁଥିଲେ ତେଣୁ ତାଙ୍କୁ ସଦଚିଦ ଆନନ୍ଦ କୁହାଯାଏ। କାହାରି କ୍ଷତି ନକରିବାକୁ ଏବଂ କାହାରି ମନରେ ଦୁଃଖ ନଦେବାକୁ ବାବା ଭକ୍ତ ମାନଙ୍କୁ ପରାମର୍ଶ ଦେଇଛନ୍ତି। ସତ, ରଜ ଓ ତମ ଗୁଣକୁ ନେଇ ପ୍ରକୃତିର ସୃଷ୍ଟି କିନ୍ତୁ ଏହି ଗୁଣ ମାନଙ୍କ ସଂସ୍ପର୍ଶରେ ବାବା ଆସୁନଥିଲେ। ତେଣୁ ସେ ହେଉଛନ୍ତି ତ୍ରିଗୁଣାତୀତ ତାଙ୍କ ଉପରେ ଇନ୍ଦ୍ରିୟଙ୍କର କୌଣସି ବିନ୍ଦୁ ମାତ୍ର ପ୍ରଭାବ ହିଁ ନଥିଲା। ଇନ୍ଦ୍ରିୟର ପ୍ରେରଣାରେ ଯେଉଁ କର୍ମ କରାଯାଏ ଏବଂ ସେଥିରୁ ଯେଉଁ ଫଳ ମିଳିଥାଏ ତାହାକୁ ଭୋଗ କରିବାକୁ ଯିବାତ୍ମା ବାଧ୍ୟ। ବାବା ସେଇଥି ପାଇଁ ଆମ ସମସ୍ତଙ୍କୁ ଉପଦେଶ ଦେଇଥାନ୍ତି ଯେ ଇନ୍ଦ୍ରିୟ ମାନଙ୍କୁ ସେମାନଙ୍କ କର୍ମ କରିବାକୁ ଦିଅ କିନ୍ତୁ ନିଜେ ଇନ୍ଦ୍ରିୟ ଅଧୀନ ହଅନାହିଁ। ବାବା ସବୁବେଳେ ଧୁନି ଜାଳି ରଖୁଥିଲେ। ଆମ ଜଠରରେ ଯେପରି ଥିବା ନିଆଁକୁ ଜଠରାଗ୍ନି କୁହାଯାଏ କାରଣ ଏହା ଆମର ହଜମ ଶକ୍ତି ପାଇଁ ସାହାଯ୍ୟ କରିଥାଏ। ଅନେକଙ୍କ ମନରେ ଜ୍ଞାନ ଆହରଣ ନିମନ୍ତେ ବ୍ୟଗ୍ରତା ଦେଖାଯାଏ। ଏହାକୁ ମଧ୍ୟ ନିଆଁ ସହିତ ତୁଳନା କରାଯାଏ ଯାହାର ନାମ ଜିଜ୍ଞାସା। ଜ୍ଞାନାଗ୍ନି ଆମକୁ ସଂସାର ଚକ୍ରରୁ ମୁକ୍ତ ହେବା ନିମନ୍ତେ ମାର୍ଗ ଦେଖାଇଥାଏ। ଆମକୁ ମୋକ୍ଷ ପ୍ରଦାନ କରୁଥିବା ଅଗ୍ନୀକୁ ସ୍ୱାଗତ କରିବା ସହିତ କ୍ଷତି ପହଞ୍ଚାଉଥିବା ଅଗ୍ନିକୁ ଏଡ଼ାଇ ଯିବା ଉଚିତ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଜୀବନରେ ଯେତେ ପାପ ଜଣେ କରିଥିଲେ ମଧ୍ୟ ଈଶ୍ୱରଙ୍କ ନାମ ପ୍ରାପ୍ତିରେ ସେ ସମସ୍ତ ପାପରୁ ମୁକ୍ତି ପାଇଥାଏ। ଈଶ୍ୱରଙ୍କ ଅନ୍ୟତମ ସ୍ୱରୂପ ହେଉଛନ୍ତି ସଦଗୁରୁ। ତାଙ୍କ ସଂସ୍ପର୍ଶ, ସାନ୍ନିଧ୍ୟ, ଆଶ୍ରୟ ଓ କୃପା ଦ୍ୱାରା ପାପରୁ ମୁକ୍ତି ମିଳିବା ସହ ଆଧ୍ୟାତ୍ମିକ ଜ୍ଞାନର ଉଦୟ ହୋଇଥାଏ। ସଦଗୁରୁଙ୍କ ସାନ୍ନିଧ୍ୟ ଲାଭ ଦ୍ୱାରା ଅନେକ ଆଧ୍ୟାତ୍ମିକ ଲାଭ ମିଳିଥାଏ। ବ୍ୟକ୍ତିର ଯେତେ ଦୋଷଗୁଣ ଥିଲେ ମଧ୍ୟ ସଦଗୁରୁଙ୍କ ସାନ୍ନିଧ୍ୟରେ ଆସିଲେ ସେ ଜଣେ ମହାନ ହୋଇପାରିଥାଏ। ଜଣେ ସାମାନ୍ୟ ବ୍ୟକ୍ତି ସଦଗୁରୁଙ୍କ ସଂସ୍ପର୍ଶ ପାଇଲା ମାତ୍ରେ ତାଙ୍କ ପାଖରେ ବାସ କଲେ ସେ ଅନ୍ୟ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସଦଗୁରୁଙ୍କ ସାନ୍ନିଧ୍ୟ ଲାଭ ପ୍ରାପ୍ତ କଲେ କିପରି ଜଣେ ସାଧାରଣ ବ୍ୟକ୍ତି ଦିବ୍ୟ ଜୀବନ ପ୍ରାପ୍ତ ହୋଇପାରିବ ସ୍ୱୟଂ ଦାଶଗାଣୁ ମହାରାଜ ତାଙ୍କର 'ସ୍ତବର ମଞ୍ଜରୀ'ରେ ସାଇନାଥଙ୍କ ଗୁଣଗାନ କଲାବେଳେ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ସଚରାଚର ବିଶ୍ୱରେ ସାଇ ପରିବ୍ୟାପ୍ତ ହୋଇ ରହିଛନ୍ତି। ସାଇନାଥଙ୍କୁ ଆରତୀ ସମର୍ପଣ ସମୟରେ କୁହାଯାଇଛି - 'କଳିଯୁଗୀ ଅବତାର, ସଗୁଣ ବ୍ରହ୍ମ ସାଚାର, ଅବତୀର୍ଣ୍ଣ ଝାଲାସେ, ସ୍ୱାମୀ ଦତ୍ତ ଦିଗମ୍ବର। ଅର୍ଥାତ୍ - ଏହି କଳିଯୁଗରେ ସଗୁଣ ସାକାର ପ୍ରଭୁଙ୍କର ଅବତାର ହୋଇଛି। ସ୍ୱାମୀ ଦତ୍ତ ଦିଗମ୍ବରଙ୍କ ଅବତାର ହୋଇଛି। ସାଇ ସଗୁଣୋପାସନାରେ ବର୍ଣ୍ଣିତ ହୋଇଛି ସଚରାଚର ବିଶ୍ୱରେ ସାଇ ପରିବ୍ୟାପ୍ତ ହୋଇ ରହିଛନ୍ତି। ଦତ୍ତାବତାର ରୂପରେ ଅବତରିତ ହୋଇ ଶିରିଡ଼ି ଧାମରେ ରହି ସେ ଭକ୍ତ ମାନଙ୍କର କଲ୍ୟାଣ କରୁଛନ୍ତି। ଏଣୁ ଆମକୁ ଆମର ଚିତ୍ତ ବା ମନ ଦତ୍ତ ସାଇଙ୍କ ଚରଣରେ ସ୍ଥିର କରିବାକୁ ହେବ। ଶ୍ରୀ ସାଇଙ୍କ ଦିବ୍ୟ ସଂସ୍ପର୍ଶରେ ଯେଉଁ ଭକ୍ତମାନେ ଆସୁଛନ୍ତି, ଦିନ ପ୍ରତିଦିନ ନିଶ୍ଚିନ୍ତ ରୂପେ ସେମାନଙ୍କ ଚେତନାର ବିକାଶ, ବିବର୍ତ୍ତନ ହେଉଛି। କଳିକାଳର ଏହି ଘୋର ସନ୍ଧୀକ୍ଷଣରେ ସାଇ ଚରଣରେ ଅମାପ ଶାନ୍ତି ଲାଭ କରନ୍ତୁ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଯାତ୍ରା ସୁଗମ ହେଉ ଏତିକି ପ୍ରାର୍ଥନା।

+'ସାଇବିଥି', ୭ଡି/୧୩୫୪, ସେକ୍ଟର-୯, ସିଡ଼ିଏ, କଟକ,
ମୋ: ୮୯୨୬୨୮୧୭୦୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଛାୟାଯୁଦ୍ଧ...

ହିନ୍ଦୀ ଭାଷାଭାଷୀ ଅଞ୍ଚଳର ଶେଷଦୁର୍ଗ ବିହାର ଦଖଲର ମହତାକାଂକ୍ଷାକୁ ଦୃଷ୍ଟିରେ ରଖି ବିଜେପି ନିର୍ଣ୍ଣାୟକ ନିଷ୍ପତ୍ତି ନେବା ପୂର୍ବରୁ ନୀତୀଶ କୁମାର ନିଜର ରାଜନୈତିକ ଭବିଷ୍ୟତ ନେଇ ଅନିଶ୍ଚିତ ହୋଇପଡ଼ିଛନ୍ତି। ଏକଥା ସତ ଯେ କେନ୍ଦ୍ରର ମେଣ୍ଟ ସରକାରରେ ନୀତୀଶଙ୍କ ଜେଡିୟୁ କେବଳ ଅଂଶୀଦାର ନୁହେଁ, ଦଳର ସମର୍ଥନ ଓ ସହଯୋଗ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ତାଙ୍କୁ ବାଦଦେଇ ବିହାରର କ୍ଷମତା ଦଖଲ ପ୍ରୟାସ ମଧ୍ୟ ଅସମ୍ଭବ। ଏତେ ନିର୍ଭରଶୀଳତା ସତ୍ତ୍ୱେ ସେ କାହିଁକି ଅନିଶ୍ଚିତତା ଆଶଙ୍କାରେ ଭାଙ୍ଗିପଡୁଛନ୍ତି? ବିଜେପିର ଚତୁର ରାଜନୈତିକ ଗୋଟି ଚାଳନାରେ ଜେଡିୟୁରେ ନୀତୀଶଙ୍କ ପ୍ରଭାବ ଓ ପତିଆରା ଦିନକୁ ଦିନ ହ୍ରାସ ପାଉଥିବାର ପରିଲକ୍ଷିତ ହୋଇଛି। କେନ୍ଦ୍ରରେ ମୋଦୀ ସରକାରକୁ ସମର୍ଥନ ଦେଉଥିବା ଦଳର ୧୨ଜଣ ସାଂସଦଙ୍କ ଗତିବିଧିକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୋଇଛି ଯେ ସେମାନେ ଏବେ ଦଳର ମୁଖିଆଙ୍କ ନିୟନ୍ତ୍ରଣରେ ନାହାନ୍ତି। ଦିଲ୍ଲୀରେ ଅବସ୍ଥାପିତ ଜେଡିୟୁର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଓ ଦଳୀୟ ମନ୍ତ୍ରୀ ଲଲନ୍ ସିଂହଙ୍କ ନେତୃତ୍ୱରେ ସେମାନେ ପରିଚାଳିତ। ତେଣୁ ନୀତୀଶ ହଠାତ୍ ବିଦ୍ରୋହ ଘୋଷଣା କଲେ ମଧ୍ୟ କେନ୍ଦ୍ରରେ କ୍ଷମତାସୀନ ମେଣ୍ଟ ସରକାର ଅତୁଟ ରହିବ। କିନ୍ତୁ ବିହାର ନିର୍ବାଚନ ରାଜନୀତିରେ ନୀତୀଶଙ୍କ ଅପରିହାର୍ଯ୍ୟ ଭୂମିକାକୁ ଏଡ଼ାଇ ଦେଇ ବିଜେପି ଯେ କ୍ଷମତା ହାସଲ କରିବାକୁ ସମର୍ଥ ହେବ, ଏକଥା ନୁହେଁ। ତେଣୁ ଏହି ବିରୋଧାଭାସ ସତ୍ତ୍ୱେ ଶେଷ ପର୍ଯ୍ୟନ୍ତ ତାଙ୍କୁ ଢାଲକରି ବିଜେପି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ଚାହେଁ। ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନ୍‌ସିପିରେ ବିଜେପି ଯେଭଳି କ୍ଷମତା ଦଖଲ କରିଛି, ତାହାର ପୁନରାବୃତ୍ତି ବିହାରରେ ଘଟିବନି ତ? ଅନୁରୂପ ସମ୍ଭାବନାର ଅଙ୍କ କଷି ନୀତୀଶ ମଣିପୁରରେ ଯେଉଁ ପଦକ୍ଷେପ ନେଇଥିଲେ, ତାହା କେନ୍ଦ୍ରକୁ ପରୋକ୍ଷ ଚେତାବନୀ ବୋଲି କୁହାଯାଇପାରେ। ମଣିପୁର ବିଜେପି ସରକାରରୁ ଜେଡିୟୁର ସମର୍ଥନ ପ୍ରତ୍ୟାହାର ରାଜ୍ୟର କ୍ଷମତା ରାଜନୀତିରେ ପ୍ରଭାବଶୂନ୍ୟ ହୋଇଥିଲେ ମଧ୍ୟ ତାହାର ସୁଦୂରପ୍ରସାରୀ ପ୍ରଭାବ କେନ୍ଦ୍ରରେ ନିଶ୍ଚିତ ପ୍ରତିଫଳିତ ହେବାର ଆଶା କରି ନୀତୀଶ ବୁଧବାର ସକାଳେ ଏହି ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାହା ୨୪ ଘଣ୍ଟା ମଧ୍ୟ କାଏମ ରହିପାରିଲାନି। ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଙ୍କ ମାଧ୍ୟମରେ ପଡ଼ିଥିବା ଚାପକୁ ପ୍ରତିରୋଧ କରିପାରିଲେନି ନୀତୀଶ। ରାଜ୍ୟପାଳଙ୍କୁ ସମର୍ଥନ ପ୍ରତ୍ୟାହାର ସମ୍ପର୍କରେ ବିଧିବଦ୍ଧ ଚିଠି ଦେଇଥିବା ରାଜ୍ୟ ସଭାପତିଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ମଣିପୁରର ୬୦ ଆସନ ବିଶିଷ୍ଟ ବିଧାନସଭାରେ ଜେଡିୟୁ ବିଧାୟକଙ୍କ ସଂଖ୍ୟା ୬। ସେମାନଙ୍କ ମଧ୍ୟରୁ ୫ଜଣ ଇତିମଧ୍ୟରେ ବିଜେପିରେ ଯୋଗ ଦେଇସାରିଛନ୍ତି। ଅବଶିଷ୍ଟ ଯେଉଁ ଜଣେ ସଦସ୍ୟ ଜେଡିୟୁରେ ଥିଲେ। ସେ ମଧ୍ୟ ଦଳର ଅନ୍ୟ ସଦସ୍ୟଙ୍କ ପନ୍ଥା ଅନୁସରଣ କରିଛନ୍ତି। ଏଥିରେ ସ୍ପଷ୍ଟ ଯେ ଦଳ ବିଧାନସଭାରୁ ମୂଳପୋଛ ହୋଇଯାଇଛି। ମେଣ୍ଟ ରାଜନୀତିରେ ଅଂଶୀଦାରଙ୍କର ବିଲୟ ଘଟୁଛି ମୁଖ୍ୟଦଳରେ। ଚଳିତବର୍ଷ ଶେଷ ଭାଗରେ ବିହାରରେ ବିଧାନସଭା ନିର୍ବାଚନ ହେବ। ନୀତୀଶ ନିଜ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଚାହୁଁଥିବା ବେଳେ, ବିଜେପି ଅନ୍ୟ କ୍ଷୁଦ୍ର ଅଂଶୀଦାରଙ୍କ ସହଯୋଗରେ କ୍ଷମତା ଦଖଲ କରିବାକୁ ଚାହେଁ। ମୁସଲମାନ, ଦଳିତ ଓ ଅନୁନ୍ନତ ବର୍ଗର ମତଦାତାଙ୍କ ଉପରେ ନୀତୀଶ ପ୍ରଭାବ ଦୃଷ୍ଟିରୁ ବିଜେପି କେବଳ ତାଙ୍କ ପତିଆରା ବ୍ୟବହାର କରିବାକୁ ଚାହେଁ। ତେଣୁ କ୍ରମାଗତ ଭାବେ ଜେଡିୟୁରେ ତାଙ୍କର ପ୍ରାଧାନ୍ୟ ହ୍ରାସ ସକାଶେ ଚାଲିଥିବା ଉଦ୍ୟମକୁ ସେ ପ୍ରତିହତ କରିପାରୁ ନ ଥିଲେ ବି ମୁଖ୍ୟମନ୍ତ୍ରୀ ପଦ ଆଶା ଛାଡ଼ିନାହାନ୍ତି। ଜେଡିୟୁର ଦିଲ୍ଲୀ ଓ ପାଟନା ଆଭିମୁଖ୍ୟରେ ପରିଲକ୍ଷିତ ପାର୍ଥକ୍ୟ ନେଇ ମୁହଁ ନ ଖୋଲିଲେ ମଧ୍ୟ ଏହା ପଛରେ ଥିବା ବିଜେପିର ଷଡ଼ଯନ୍ତ୍ର ସମ୍ପର୍କରେ ସେ ଅବଗତ ଅଛନ୍ତି। ଏବେ ମଧ୍ୟ ସେ ଦଳର ସର୍ବମାନ୍ୟ ନେତା, ତାହାର ପ୍ରମାଣ ଦେବାକୁ ଯାଇ ମଣିପୁର ସରକାରରୁ ସମର୍ଥନ ପ୍ରତ୍ୟାହାରର ଇଙ୍ଗିତ ଦେଇଥିଲେ। ପରିସ୍ଥିତି ସୁଧାରି ଯାଇଥିଲେ ମଧ୍ୟ କେନ୍ଦ୍ରୀୟ ବିଜେପି ନେତୃବର୍ଗ ନୀତୀଶଙ୍କ ସହ ଯୋଗାଯୋଗ ରକ୍ଷା କରିବାକୁ ବାଧ୍ୟ ହୋଇଥିଲେ। ବୁଝାମଣାର ଦିଗ ଅସ୍ପଷ୍ଟ ଥିଲେ ମଧ୍ୟ ନୀତୀଶଙ୍କ ମନରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଦୂର ପାଇଁ ଆଶ୍ୱାସନା ଦିଆଯାଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ସବୁ ଠିକ୍‌ଠାକ୍ ଚାଲିବ ଓ ବୁଝାମଣା ଅତୁଟ ରହିବ, ତାହାର କୌଣସି ଗ୍ୟାରେଣ୍ଟି କେହି ଦେଇପାରିବେନି। ମେଣ୍ଟ ରାଜନୀତିରେ ଅଂଶୀଦାର ଦଳର ସ୍ୱାର୍ଥ ବିନିମୟରେ ବିସ୍ତାରବାଦୀ ଆଭିମୁଖ୍ୟ ନେଇ ଯେତେବେଳେ ମୁଖ୍ୟଦଳ କାର୍ଯ୍ୟକ୍ରମ ପ୍ରସ୍ତୁତ କରେ, ତାହାର ପ୍ରତିଫଳନରେ ଅଭିଯୋଗ ଓ ଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। ସରକାର ନିଜର ଅଖଣ୍ଡ କ୍ଷମତା ପ୍ରୟୋଗ କରିବା ପୂର୍ବରୁ କିଛି ରାଜନୈତିକ ବିପର୍ଯ୍ୟୟ ଘଟିଯିବା ଅସମ୍ଭବ ନୁହେଁ। ତେଣୁ ମଣିପୁର ଘଟଣା ସୁଧୁରି ଯାଇଥିଲେ ମଧ୍ୟ ଏହାକୁ ଏକ ଚେତାବନୀ ରୂପେ ଗ୍ରହଣ କରାଯାଇପାରେ। ବିଜେପି ଓ ଜେଡିୟୁ ମଧ୍ୟରେ ଦୀର୍ଘ ୨୦ ବର୍ଷର ରାଜନୈତିକ ସମ୍ପର୍କ ସତ୍ତ୍ୱେ ୨୦୧୩ ଓ ୨୦୨୨ ମଧ୍ୟରେ ନୀତୀଶ ଦୁଇ ଦୁଇଥର ବିଜେପି ମେଣ୍ଟରୁ ଓହରି ଯାଇଛନ୍ତି। ଫେବ୍ରୁଆରୀରେ କେନ୍ଦ୍ର ବଜେଟରେ ଯଦି ପ୍ରତିଶ୍ରୁତି ଅନୁଯାୟୀ ବିହାର ସକାଶେ ସ୍ୱତନ୍ତ୍ର ଯୋଜନା ଓ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଆବଶ୍ୟକ ଅର୍ଥ ବରାଦ କରାନଯାଏ, ତାହାକୁ ନେଇ ମଧ୍ୟ ନୀତୀଶ ପୁଣି କିଛି ହଟଚମଟ ସୃଷ୍ଟି କରିବା ଅସମ୍ଭବ ନୁହେଁ। ନିଜ ପଦମର୍ଯ୍ୟାଦା ବଜାୟ ରଖିବା ପାଇଁ ନିର୍ବାଚନ ବର୍ଷରେ କେନ୍ଦ୍ରୀୟ ଅବହେଳା ଦର୍ଶାଇ ମେଣ୍ଟ ରାଜନୀତିରୁ ସେ ଓହରିଯିବାର ସମ୍ଭାବନା ଅଛି। ସେଭଳି ସମ୍ଭାବ୍ୟ ସ୍ଥିତି ନେଇ ପର୍ଯ୍ୟବେକ୍ଷକ ମହଲରେ ଅଙ୍କକଷା ଚାଲିଛି।

# ଉତ୍କଳୀୟ 'ଭକ୍ତକବି': ମଧୁସୂଦନ ରାଓ



## ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ଭକ୍ତି ଏକ ଶକ୍ତି । ମୁକ୍ତି ତା ମୋକ୍ଷ ପାଇଁ ଜରୁରୀ । ଜୀବାତ୍ମା ସହ ପରମାତ୍ମାର ମିଳନ ହିଁ 'ମୋ'। ମୋ' ହିଁ ପ୍ରତ୍ୟେକ ବ୍ୟକ୍ତର ଚରମ ଲକ୍ଷ୍ୟ । ଭକ୍ତ ଓ ଭକ୍ତିର ସମନ୍ୱୟ ଯାହାଙ୍କ ଠାରେ ଘଟିଛି ସେ ହିଁ ହେଉଛନ୍ତି 'ଭକ୍ତକବି' । ଉତ୍କଳ ପୁରପଲ୍ଲୀରେ ଓ ପ୍ରତ୍ୟେକ ଉତ୍କଳୀୟଙ୍କର ସେ ନମସ୍ୟ 'ଭକ୍ତକବି' ଭାବରେ । କୋମଳମତି ବାଳକ ବାଳିକାଙ୍କ ହୃଦୟରେ ଯେ ଭକ୍ତି ଓ ଜ୍ଞାନର ଅଙ୍କୁରୋଦ୍‌ଗମ୍ ଘଟାଇ ପାରିଥିଲେ ସେ ହିଁ 'ଭକ୍ତକବି' । ପ୍ରାର୍ଥନା, ଗୀତ, କବିତା ଓ ସରଳ ହିତ - ବାଣୀକୁ ଯେ ଆମର ଚିନ୍ତା ଓ ଚେତନାରେ ପୂରାଇ ଦେଇଛନ୍ତି; ସେ ହିଁଢ ସତରେ 'ଭକ୍ତକବି' ।

ଆଜି ସେହି ମହାନ ବ୍ୟକ୍ତିଙ୍କ ଜନ୍ମତିଥି। ସେ ଥିଲେ ଏକାଧାରରେ ଜଣେ ଧାର୍ମିକ, ସାହିତ୍ୟିକ, ସଂସାରିକ, ସୁସଂଗଠକ, ଉପାସକ, ବରେଣ୍ୟ କବି, ଆଧାତ୍ମବାଦୀ ସୁପୁରୁଷ, ଆଦର୍ଶ ଶିକ୍ଷକ, ପ୍ରବୀଣ ଶିକ୍ଷାବିତ୍, ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ । ହେ ପୁଣ୍ୟପ୍ରାଣ ମଧୁସୂଦନ ରାଓ ୧୮୫୩ ମସିହା ଜାନୁଆରୀ ୨୯ ତାରିଖ ଶନିବା ପବିତ୍ର ଶ୍ରୀପଞ୍ଚମୀ ଅବସରରେ ତାଙ୍କର ଜନ୍ମ । ସେ ଥିଲେ ମହାରାଷ୍ଟ୍ରୀୟ କ୍ଷତ୍ରୀୟ ପରିବାର ଉପଯୁକ୍ତ ଦାୟାଦ । ଭେନ୍‌ସୋଲା ରାଜ ପରିବାରରେ ଜନ୍ମିତ ତାଙ୍କର ପୂର୍ବଜମାନେ ମରାଠା (ମରହଟ୍ଟା) ମାନଙ୍କର ଶାସନକାଳରେ ଓଡ଼ିଶାକୁ ଆସି ପବିତ୍ରମାଟି ଶ୍ରୀକ୍ଷେତ୍ର ପୁରୀର 'କୁଣ୍ଡେଇ ବେଣ୍ଟ' ସାହିରେ ହିଁ ଅବସ୍ଥାନ କରୁଥିଲେ। ପୂଣ୍ୟ ତଥା ପବିତ୍ରମାଟି ସେହି ପୁରୀରେ ପିତା ଭାଗିରଥୀ ରାଓଙ୍କ ଔରସରୁ ଓ ସର୍ବଗୁଣ ସବେନ୍ନା ତଥା ଧର୍ମପରାୟଣ ଜନନୀ ଅମ୍ବିକା ବାଇଙ୍କ ଗର୍ଭରୁ ତାଙ୍କର ଜନ୍ମ । ପିତା ଭାଗିରଥୀ ଥିଲେ ଜଣେ ଅତି ସରଳ ମାତ୍ର କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର । ପିତା ପୋଲିସ ବିଭାଗର କର୍ମଚାରୀ ହୋଇଥିବାରୁ ସେ ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା- ଗୋପ, କଟକ, ଭୁବନେଶ୍ୱର ଓ ପୁରୀରେ ଅଧ୍ୟୟନ କରିଥିଲେ ।

ଶୈଶବରେ ମାତାଙ୍କର ଦେହାନ୍ତ ହୋଇଯିବାରୁ ସେ ମାମୁଁ ଘରେ ରହିଲେ ଓ ମାଟିବଂଶ ଅବଧାନଙ୍କ ଠାରୁ ବାଲ୍ୟଶିକ୍ଷା ଆରମ୍ଭ କରିଥିଲେ । ହେଲେ ଆଦ୍ୟ ଶୈଶବରୁ ସେ ଜଣେ ଶାନ୍ତ, ନମ୍ର, ସଂଯତ, ବିନୟୀ, ସହନଶୀଳ ଓ ଧର୍ମପ୍ରାଣ ବାଳକ ଥିଲେ । ପୁରୀ ଜିଲ୍ଲାସ୍କୁଲରେ ଅଧ୍ୟୟନକାଳରେ ବିଦ୍ୟାଳୟକୁ ଆସିଥିବା ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ କବିବର ରାଧାନାଥ ରାୟଙ୍କ ସଂସ୍ପର୍ଶରେ ଆସିବା ପରେ କବିପ୍ରାଣର ପରିସ୍ଫୁଟନ ହୋଇଥିଲା । ସେ ୧୮୭୧ ମସିହାରେ କୃତିତ୍ୱର ସହ ଏମ୍.ଏ. (ଆଜିର ମେଟ୍ରିକ୍) ପାସ୍ କରିଥିଲେ । ଆଗକୁ ଆଉ ଅଧିକ ଅଧ୍ୟୟନର ସୁଯୋଗ ଓ ସୁବିଧା ନଥିବାରୁ ପୁରୀ ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ଭାବରେ କାର୍ଯ୍ୟରେ ଯୋଗ ଦେଲେ । ପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବେ ଜର କାର୍ଯ୍ୟକୁ ସୁଚାରୁରୂପେ ବି ସମ୍ପାଦନ କରିଥିଲେ ।

ସେ ଥିଲେ ପ୍ରକୃତରେ ଜଣେ ଛାତ୍ରବତ୍ସଳ, ପ୍ରେରଣାଦାୟୀ, ଆଦର୍ଶ ମାର୍ଗଦର୍ଶକ ତଥା ଶିକ୍ଷାନୁରାଗୀ ଶିକ୍ଷକ । ସେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଥିଲେ ଜ୍ଞାନ ତଥା ପ୍ରେରଣାର 'ବତୀଘର' ସମ। ତାଙ୍କର ଆଚରଣ- ଉଚ୍ଚାରଣ ଏବଂ କଥନ- ଚିନ୍ତନ ମଧ୍ୟରେ କୌଣସି ତଫାତ୍ ନଥିଲା । ତେଣୁ ସେ ଥିଲେ ଜଣେ ଉଚ୍ଚାଙ୍ଗ ଆଦର୍ଶବାଦୀ ଓ ସଫଳ ଶିକ୍ଷକ । ତାଙ୍କର କଠୋର ଅନୁଶାସନ, ଉପଯୁକ୍ତ ପରାମର୍ଶ, ଆଦର୍ଶବାଦୀ ନୀତି ଶିକ୍ଷା ଓ ସଠିକ୍ ମାର୍ଗଦର୍ଶନ ଦ୍ୱାରା ଉଭୟ ଛାତ୍ର ଓ ଅଭିଭାବକ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ନିଜର କାର୍ଯ୍ୟ ସମ୍ପାଦନାରେ ସେ ସର୍ବଦା ସତତ ଚେଷ୍ଟିତ ରହୁଥିଲେ । ବିଦ୍ୟା ଆହରଣ ପ୍ରତ୍ୟେକ ବିଦ୍ୟାର୍ଥୀର ଜୀବନରର ପରମ ତଥା ପ୍ରଧାନ କର୍ତ୍ତବ୍ୟ ବୋଲି ସେ ସର୍ବଦା ଉପଦେଶ ଦେଉଥିଲେ । ଶିକ୍ଷକତାରୁ ଆରମ୍ଭ ହୋଇଥିବା ତାଙ୍କର କର୍ମମୟ ଜୀବନ ଜଣେ ଭାରତୀୟ ଶିକ୍ଷା ବିଭାଗର ସୁଦକ୍ଷ ପ୍ରଶାସକ ଭାବରେ ସମାପ୍ତ ହୋଇଥିଲା । ତାଙ୍କର ସାମଗ୍ରୀକ ଶିକ୍ଷାସେବାକୁ ସମ୍ମାନ ଜଣାଇ ଇଂରେଜ ସରକାର ୧୯୦୭ ମସିହାରେ ତାଙ୍କୁ 'ରାୟ ବାହାଦୂର' ଉପାଧିରେ ଭୂଷିତ କରିଥିଲେ ଓ ସେହି ବର୍ଷ ବି ସେ ଚାକିରୀରୁ ଅବସର ନେଇଥିଲେ ।

ସେ ଥିଲେ ଉଭୟ ସୃଷ୍ଟି ଓ ସ୍ରଷ୍ଟାଙ୍କର ଉପାସକ । ପୁଣି କ୍ଷେତ୍ର କ୍ଷେତ୍ରଜ୍ଞଙ୍କୁ ଚିହ୍ନିବାରେ ସେ ଥିଲେ ବେଶ୍ ଦକ୍ଷ । ଚାକିରୀକାଳରେ ସେ ଅନେକ ବିଜ୍ଞ, ଜ୍ଞାନୀ, ଧାର୍ମିକ, ସଂଗଠକ ଓ ସମାଜ ସଂସ୍କାରକ, ପୁଣି କେତେକ କବି ଓ ଲେଖକଙ୍କ ସଂସ୍ପର୍ଶରେ ଆସିଥିଲେ । ସେମାନେ ଥିଲେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ ରାୟ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ ଓ ଋଷି ମଣିଷ ଆଚାର୍ଯ୍ୟ ହରିହର ଓ ଆହୁରି ଅନେକ । ଉତ୍କଳର ଏହି ବରପୁତ୍ରଙ୍କର ନିବିଡ଼ ସଂସ୍ପର୍ଶରେ ଆସି ସେ ବି ହୋଇ ଯାଇଥିଲେ ଜଣେ ଉତ୍କଳମାଟିର 'ବରପୁତ୍ର' । ଜାତିର ଜିହ୍ୱା- 'ଭାଷା' ସେତେବେଳେ ସଂକଟ ମଧ୍ୟରେ ଗତି କରୁଥିବାରୁ ସେ ଲେଖନୀ ଚାଳନା ଆରମ୍ଭ କଲେ । ପଙ୍କରୁ ପଦ୍ମ ପ୍ରସ୍ଫୁଟିତ ହେବା ପରି ତାଙ୍କ ଲେଖନୀ ମୁନରୁ ଝରି ପଡ଼ିଛି ଅନେକ କାଳଜୟୀ କାବ୍ୟ, କବିତା, ଛାନ୍ଦ, ପ୍ରାର୍ଥନା, ଜଣାଣ ଓ ଅନେକ ପାଠ୍ୟ ପୁସ୍ତକ । ମାତୃଭାଷାରେ ପାଠ୍ୟପୁସ୍ତକର ଅଭାବକୁ ଅନୁଭବ କରି ସେ ରଚନା କରିଛନ୍ତି ବର୍ଣ୍ଣବୋଧ, ଶିଶୁବୋଧ, ବାଳବୋଧ, ଛନ୍ଦମାଳା, କବିତାବଳୀ, ବିଜ୍ଞାନ ପାଠ, କିଛି ଅଙ୍କବହି ଓ ସାହିତ୍ୟ କୁସୁମ । ଓଡ଼ିଆ ବର୍ଣ୍ଣମାଳା ପାଇଁ ଉଦ୍ଦିଷ୍ଟ ପ୍ରାଥମିକ ପୁସ୍ତକ 'ବର୍ଣ୍ଣବୋଧ' (୧୮୯୫) ପ୍ରତ୍ୟେକ ଓଡ଼ିଆର ଚିରପରିଚିତ। ତାଙ୍କର ଲେଖାରେ ବେଶ୍ ପ୍ରତିଫଳିତ ହୋଇଛି ଋଷି ପ୍ରତୀମ- ଧର୍ମପ୍ରାଣ ଓ ମାନବବାଦର ଉଚ୍ଚାଙ୍ଗ ଆଦର୍ଶ ତଥା ନିର୍ମଳ ଚରିତ୍ରର ନିଖୁଣ ଛବି ।



ତାଙ୍କର କଠୋର ପ୍ରଚେଷ୍ଟା ଓ ଗଭୀର ଆତ୍ମବିଶ୍ୱାସରୁ ସୃଷ୍ଟି ନେଇଥିଲା। 'ଉତ୍କଳ ସାହିତ୍ୟ ସମାଜ'। ଏହି ସଂଗଠନ ଦ୍ୱାରା ସେ ପ୍ରକାଶ କରିଥିଲେ ଶିଶୁପତ୍ରିକା 'ଶିକ୍ଷାବନ୍ଧୁ', ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ' ଓ 'ଉତ୍କଳ ଦର୍ପଣ'। ନ'ଅଙ୍କ ଦୁର୍ଭିକ୍ଷରେ ତାଙ୍କର ସେବା, ସାହାଯ୍ୟ ଓ ସହଯୋଗ ସତରେ ଅଭୂଲା । ଉତ୍କଳ ମାଟିରୁ ନିରକ୍ଷରତା ଦୂରପାଇଁ 'ନୈଶ ବିଦ୍ୟାଳୟ', ବାଳିକା ବିଦ୍ୟାଳୟ ଓ ଅସ୍ପୃଶ୍ୟ ଶିକ୍ଷାପାଇଁ ବିଭିନ୍ନ ବିଦ୍ୟାଳୟ ସ୍ଥାପନ କରି ସେ ଅଜସ୍ର ଖ୍ୟାତି, ଅନେକ ଯଶ ଓ କୁଡ଼କୁଡ଼ ସୁଖ୍ୟାତି ସାଉଁଟିଛନ୍ତି । ତାଙ୍କର ସାମଗ୍ରୀକ ସେବା, ସୁମଧୁର ରଚନା ଓ ସାମାଜିକ କାର୍ଯ୍ୟାବଳୀକୁ ସମ୍ମାନ ଜଣାଇ 'ଉତ୍କଳୀୟ ଶିକ୍ଷିତ ସମାଜ' ତାଙ୍କ 'ଭକ୍ତକବି' ଉପାଧି ପ୍ରଦାନ କରିଥିଲେ ।

ସରଳ, ସାବଲୀଳ, ମୌଳିକ ତଥା ସର୍ବଜନାଦୃତ ଅମୃତ ପଥିକ 'ଭକ୍ତ-କବି' । ୧୯୧୨ ମସିହା ଡିସେମ୍ବର ୨୮ ତାରିଖ ଶନିବାର ଦିନ ସକାଳ ନ' ଘଣ୍ଟାରେ ଶେଷ ନିଶ୍ୱାସ ତ୍ୟାଗ କଲେ । ତାଙ୍କର ପାର୍ଥିବ ଶରୀର ତଥା ଭୌତିକ କଳେବର ପଞ୍ଚଭୂତରେ ବିଲୀନ ହୋଇଗଲା ସତ ହେଲେ ତାଙ୍କର ପ୍ରଚଣ୍ଡ ଜ୍ଞାନ, ଅମ୍ଳାନ ଚରିତ୍ର, ସାବଲୀଳ ତଥା ମୌଳିକ ରଚନା, ସାଧୁତା ଓ ବହୁମୁଖୀ ପ୍ରତିଭା ତାଙ୍କୁ ଅମର କରି ରଖିଛି ଓ ରଖିବ। ଆମେ ସମସ୍ତେ ସେହି ଅମୃତର ସନ୍ତାନ ନିଜ ନିଜର ହିଂସା, ଦ୍ୱେଷ, ଈର୍ଷାକୁ ପରିହାର କରି ସ୍ରଷ୍ଟାଙ୍କର ସୁଗୁଣାବଳୀକୁ ଆପଣାଇ ଜଣେ ସଫଳ ବ୍ୟକ୍ତିକୁ ରୂପାନ୍ତରିତ ହୋଇ ପାରିଲେ, ତାହାହିଁ ହେବ 'ଭକ୍ତ-କବି'ଙ୍କ ପାଇଁ ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି ଓ ଉପଯୁକ୍ତ ସମ୍ମାନ ।


ପ୍ରଜ୍ଞାନୀଡ଼

ବସନ୍ତ ବିହାର, ଶୋଭାରାମପୁର,

ବାଲେଶ୍ୱର-୭୫୬୦୦୧

ମୋ: ୮୮୯୫୯୮୮୮୮୪


# ଭକ୍ତ କବି ମଧୁସୂଦନ ରାଓ



## ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଢେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଇଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି -

"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ। ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ। ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ। ୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁ ଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ। ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୃଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମଳିଲା। (କ୍ରମଶଃ)




ପାରାଦ୍ୱୀପଗଡ, କୁଜଙ୍ଗ

ଜଗତ୍‌ସିଂହପୁର

ମୋ: ୯୯୩୭୬୯୧୪୭୫





## ପ୍ରେମିକାର ନାଁ ଅନାମିକା

### ରମାକାନ୍ତ ଦାସ



ମୋ ପ୍ରେମିକାର ନାଁ ଅନାମିକା
ସେ ମୋ ପ୍ରେମ କାହାଣୀର ନାୟିକା
ସେ ନିତି ଆସେ ମୋ ସ୍ୱପ୍ନରେ
ଝସ୍ପା ଝାସ୍ପା ଚାନ୍ଦିନୀ ରାତିରେ
ମତେ ନିତି ହଜେଇ ଦିଏ ଅନାବନା
ଭାବନାରେ
ସେଇ ଜହ୍ନ ରାତିର ଗଭୀର ନିଃସ୍ତବ୍ଧତା
ଭିତରେ
ତା ହରିଣୀ ଚାହାଣୀ ଚଞ୍ଚଳା ନୟନରେ
ଅନବରତ ଭିଜାଏ ମତେ ତା ପ୍ରେମର
ବର୍ଷାରେ
ନିଶିଗନ୍ଧା ସାଜି ଚୁପି ଚୁପି ଦେଖାଦିଏ
ମୋ ପାହାନ୍ତିଆ ସ୍ୱପ୍ନରେ
ମତେ ହଜେଇ ଦିଏ ତା ସାଗର ଲହଡ଼ା
ମୁକୁଳା କେଶରେ
ତା ଅଙ୍ଗେ ଅଙ୍ଗେ ଝରୁଥିବା ମଧୁର
ଜ୍ୟୋତ୍ସ୍ନାରେ
ତା ଓଠର ରକ୍ତ ଗୋଲାପ ପାଖୁଡ଼ାରେ।

ରାତି ପାହିଗଲେ
ଛବିଟିଏ ହୋଇ ରହିଯାଏ ମୋ ସ୍ୱପ୍ନର
ସହରେ
ହଜିଯାଏ ସେ ସକାଳର ଅବୁଝା
କିରଣରେ
ମୋ ଆଶା ଅଭିଳାଷର କୁହୁଡିରେ
ଶୀତଳ ଚାନ୍ଦିନୀର ଉଷ୍ମ ଶିହରଣରେ
ମୁଁ ନିତି ରୁହେ ତା ଅପେକ୍ଷାରେ ।।

ଜାଣେନା ତା ନାଁ, ଜାଣେନା ତା
ଠିକଣା
ତଥାପି ସେ ମୋ ନାୟିକା
ତା ପାଇଁ ଛାତିରେ ସହସ୍ର କମ୍ପନ
ମୋ ପ୍ରେମିକାର ନାଁ ଅନାମିକା ।।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

ମୋ - ୯୬୬୮୮୧୫୩୬୯


## ରହିଗଲା କଥା ଅକୁହା ହୋଇ

### ନୀଳମଣି ଚାନ୍ଦ



ମନ ସିନ୍ଦୁକରେ କିଛି କଥା ରହେ
ସିଏରେ ଅକୁହା ହୋଇ
ଜାଣନ୍ତିନି କେହି ସବୁଦିନ ପାଇଁ
ସେ ଯାଏ ଅଜଣା ରହି।

କେତେ ନମନୀୟ କେତେ ସେ
ଗୋପନ
ଏଇମିତି ରହିଯାଏ
ସୁପ୍ତ ଆଗ୍ନେୟଗିରି ସମ ଲାଭା
ନିର୍ଗତ ହେଉ ନଥାଏ
ଜୀବନ ବହିର କେଉ ପୃଷ୍ଠା ସିଏ
ପାରିବେନି କେହି କହି।

ସେ ଅକୁହା କଥା ଦୁଃଖ ବେଦନାର
ଶୋଚନାସିକ୍ତ ଭୂଇଁ
ସେ ଭୂଇଁ ଏମିତି ନିରିଜନ ମରୁ
କା ପଦ ତ ପଡ଼ି ନାହିଁ
ସିଏ ତ ନ ଜଳି ଜଳେଇ ଜାଣିଛି
ମନ ଗହ୍ୱରରେ ଥାଇ।

କେତେ ଆସିଥିଲେ କେତେ
ଚାଲିଗଲେ
ଭାବିଥିଲି କହିବାକୁ
ହେଲେ ତ ନଥିଲା ମୋ ମନ ମଣିଷ
ପାଶେ ରହି ଶୁଣିବାକୁ
ସବୁ ଦେଖି ଶୁଣି ରହିଛି ସେଦିନୁ
ତୁଠପଥରଟି ହୋଇ।


ମନ୍ତ୍ରମାନୋର,ଗୋଠପାଟଣା

ଭୁବନେଶ୍ୱର

ମୋ:୯୫୮୩୨୦୨୩୫୭



## ସୁଜଳା ସୁଫଳା ଶସ୍ୟ ଶ୍ୟାମଳା...

### ରାମଚନ୍ଦ୍ର ବେହେରା

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଆମ ଏ ଭାରତ ଦେଶ
ଭାତୃ ବନ୍ଧନରେ ରୁହନ୍ତି ସଭିଏଁ
ଭୁଲି ହିଂସା ରାଗ ରୋଷ
ଆମ ପୂଣ୍ୟ ସମ୍ବିଧାନ
ଚାରି ସ୍ତମ୍ଭେ ଗଢା ଶାସନ ବ୍ୟବସ୍ଥା
ବିଶ୍ୱରେ ପାଏ ସମ୍ମାନ।
ଜାନୁଆରୀ ମାସ ଛବିଶି ତାରିଖ
ଜନରାଜ୍ୟ ନାମେ ଜଣା
ନିଜ ସମ୍ବିଧାନ ନିଜେ ଗଢି ହେଲୁ
ଗଣତନ୍ତ୍ର ରାଷ୍ଟ୍ରେ ଗଣା
ଆଇନ ଆମ ଶାଣିତ
ସାର୍ବଭୌମତାର ନୀତି ଆପଣାଇ
ହେଉଛୁ ଆମେ ଶାସିତ।
ଗଣତନ୍ତ୍ର ରାଷ୍ଟ୍ର ନୀତି ନିୟମକୁ
ମନେ ରଖିଥିବା ସଦା
ଦେଶ ବିକାଶରେ ବ୍ରତୀ ହେବା ଆମେ
ନମାନିବା କିଛି ବାଧା
ଜାତୀୟ ସଂଗୀତ ଗାଇ
ତ୍ରିରଂଗାର ତଳେ ଶପଥ କରିବା
ଦେଶର ପ୍ରଗତି ପାଇଁ।
ସ୍ୱରାଜ ଦିବସେ ଦିଲ୍ଲୀ ନଗରୀରେ
ସଭିଏଁ ହୋଇବେ ଠୁଳ
ନିଜ ରାଇଜର ଶ୍ରେଷ୍ଠ କଳାକୃତୀ
ଦେଖାଇବେ ହୋଇ ମେଳ
ଦେଶର ଗୌରବ ପାଇଁ
ନାନା ଉପାଧିରେ ଆଭୂଷିତ ହେବେ
ଆମରି ଭଉଣୀ ଭାଇ।
ଶାନ୍ତି ଆମ ଶକ୍ତି ଶାନ୍ତି ଆମ ମୁକ୍ତି
ଅହିଂସା ମନ୍ତ୍ର ଆଦରି
ଦେଶ ହିତ ପାଇଁ କାମ କରିଯିବା
ବିଜୟ ହେବ ସବୁରି
ଆସ ଏ ପବିତ୍ର ଦିନେ
ଆମ ସମ୍ବିଧାନ ସଭ୍ୟତା ସଂସ୍କୃତି
ପାଳିବା ହୃଦୟ କୋଣେ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ+ ୭୩୫୫୫୩୪୩୪୬


## ବଜାରେ ବଜାରେ ବାଇଦ ବଜା

### ସୁନୀଲ କୁମାର ପ୍ରଧାନ

ବଜାରେ ବଜାରେ ବାଇଦ ବଜା
ଆମ ବିଦ୍ୟାଳୟ ହୋଇଛି ସଜା
ଏ ଦିନ ନିୟମ ଲାଗୁ ହୋଇଲା
ସାଧାରଣତନ୍ତ୍ର ନାମିତ ହେଲା ।
ସମ୍ବିଧାନ ପିତା ଆମ୍ବେଦକର
ତାଙ୍କରି ଅନେକ ପ୍ରଚେଷ୍ଟା ବଳେ
ଆମ ସମ୍ବିଧାନ ସୃଷ୍ଟି ହୋଇଲା
ଉଣେଇଶ ଶହ ପଚାଶ ଭଲା ।
ଗଣ ହେଲା ଲୋକ ତନ୍ତ୍ର ଶାସନ
ଲୋକମାନଙ୍କ ଦ୍ୱାରା ହିଁ ଶାସନ
ପାଳୁଛି ଆମରି ଦେଶ ମହାନ
ତୁଣ୍ଡରେ ଗାଇ ଜନ ଗଣ ମନ ।
ସାଧାରଣତନ୍ତ୍ର ପର୍ବ ପାଳିବା
ତ୍ରିରଙ୍ଗା ତଳରେ ମୁଣ୍ଡ ନଇଁବା
ମହାପୁରୁଷଙ୍କୁ ମନେ ଚିନ୍ତିବା
ଦେଶର ପ୍ରଗତି ହୃଦେ ଗାଇବା ।
ପଲ୍ଲୀ ଠୁ ଦିଲ୍ଲୀ ସବୁଠୁ ପାଳିବ
ଏହି ଗଣତନ୍ତ୍ର ମହା ପରବ
ଗାନ୍ଧୀ ଗୋପବନ୍ଧୁ ବୋଷ ସର୍ଦ୍ଦାର
ଦେଶ ମାତୃକାକୁ ଦେଲେ ଶରୀର ।


+ଝାଟିପଦର , ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬


# ଇତିହାସରେ ଆମ ଶାସନ ଓ ସ୍ୱାଧୀନତା




### ଅକ୍ଷୟ କୁମାର ରାଉତ


ଆମ ଦେଶ ଭାରତ, ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତର ରେ ହିମାଳୟ . ଦକ୍ଷିଣ ରେ ଭାରତ ମହାସାଗର , ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର , ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା। ଭାରତ ବର୍ଷର ବୈଭବ,ସଭ୍ୟତା ଓ ସଂକୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତର କୁ ପଶି ଆସିଲେ। ଉଭୟଙ୍କ ମଧରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ, ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା ।

ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ। ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ପିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତକୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍ , ପଲ୍ଲବ, ଇଉଚି, ହୁଣ, କୃଶାଣ, ଗୁର୍ଜର ଓ ତାତାର ମାନଙ୍କ ଦ୍ୱାରା, ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତକୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତକୁ ଭଲପାଇ ଭାରତରେ ରହିଗଲେ ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର , ଫରାସି ଓ ଇଂରେଜ ମାନେ , ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତ୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ, ନାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର, ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ , ବମ୍ବେ ଓ କଲିକଟ୍ ।

ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ। ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁରଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟିକୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ ।

ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀଠାରେ ଯୁଦ୍ଧ ହେଲା । ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ। ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ, ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିହକାଶିମ୍‌କୁ ବଙ୍ଗଳାର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ। ତେଣୁ ଇଂରେଜ ମାନେ ମିରକାଶିମ୍‌ଙ୍କୁ ଆକ୍ରମଣ କଲେ । ମିରକାଶିମ୍ ପଳେଇ ଯାଇଁ ଅଯୋଧ୍ୟା ର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମଙ୍କ ସାହାର୍ଯ୍ୟ ଲୋଡ଼ିଲେ । ତିନି ଶକ୍ତି ମାନଙ୍କ ବକ୍ସାରଠାରେ ଇଂରେଜ ମାନଙ୍କ ଦ୍ୱାରା ପ୍ରରାସ୍ତ ହେଲେ ଓ ମିରର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶ୍ୱରର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶ୍ୱର ଇଂରେଜ ମାନଙ୍କ ହାତକୁ ଗଲା ।

ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ । ପାଇକ ମାନଙ୍କର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନକୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହକୁ ଦମନ କରି ଦେଲେ ।

ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ । ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ , ରାଣୀ ଲକ୍ଷ୍ମିବାଇ, ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ , ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସରକୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।

ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ ।

ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇଠାରେ ଗୁଳିବିଦ୍ଧରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପିଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତନ୍ତିଆ ଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ



ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା। ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ। ସେମାନେ ହେଲେ ରାଜା ରାମମୋହନ ରାୟ, ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି, ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣକୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ , ଦୁର୍ଦ୍ଦଶା , ଆପତି ଓ ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍‌ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ। ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶାକୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ, ଆସାମକୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା । ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା "ବନ୍ଦେ ମାତରମ'' ସଂଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ "ବନ୍ଦେ ମାତରମ'' ନାରାବାଜି ଆରମ୍ଭ ହୋଇଗଲା । "ବନ୍ଦେ ମାତରମ'' ଆନ୍ଦୋଳନର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି, ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର "ସ୍ୱଦେଶୀ ଆନ୍ଦୋଳନ ବା "ବନ୍ଦେ ମାତରମ'' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁଙ୍କ ଦ୍ୱାରା ଆରମ୍ଭ ହୋଇଥିବା "ମୁସଲିମ୍ ଲିଗ୍'' ର ପ୍ରଭାବ "ବନ୍ଦେ ମାତରମ'' ଉପରେ ପଡ଼ିପାରି ନଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟେ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍‌କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶାକୁ ଗୋଟିଏ ପ୍ରଦେଶ । ଆସାମକୁ ଗୋଟିଏ ପ୍ରଦେଶ ଓ ବଙ୍ଗଳାକୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଳକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖିଲେ ଓ ଦାଦା ଭାଇ ନୌରୋଜୀ ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାନ୍ତ "ହୋମ୍ ରୁଲ'' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାରଙ୍କ ଅତ୍ୟାଚାରରୁ ରକ୍ଷା କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ "ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର'' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶାକୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ "ରାଓଲାଟ ଆଇନ୍'କୁ ଭାରତରେ ବିରୋଧ କରାଗଲା । ପଞ୍ଜାବର ଜାଲିଆନାୱାଲା ବାଗଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ ,ପୁରୁଷ ଓ ଶିଶୁ ମିଶି ଦୁଇ ହଜାରରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାରଙ୍କୁ ତାଙ୍କର "ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍‌ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । "ସ୍ୱରାଜଦଳ'ର ନେତା ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତରଞ୍ଜନ ଦାସ, ଜାତୀୟ କଂଗ୍ରେସର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ, ରାଜ ଗୋପାଳ ଚାରୀ , ମୌଲାନା ଆବୁଲ୍‌କାଲମ , ଅବଦୁଲ ଗଫୁର ଖାଁ, ଲାଲା ଲାଜପତ ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନକାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ। ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ।

୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତକୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା ।"ସାଇମନ୍ ଫେରିଯାଅ'' । କିନ୍ତୁ ସାଇମନ୍ ବ୍ରିଟିଶ ସରକାରଙ୍କୁ ରିପୋର୍ଟ ଦେଲେ। ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧିଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାଡି "ଫରୱାର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସକୁ ନ ପଚାରି ବଡ଼ଲାଟ୍ ଭାରତକୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ । ୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ "ଆଜଦ୍ ହୀନ୍ଦ ଫଉଜ'' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । "ଆଜଦ୍ ହୀନ୍ଦ ଫଉଜ'' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ , ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ ବହୁତ ଦୁର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍‌କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ । ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା ।

ଗୋପବନ୍ଧୁଙ୍କ ଭାଷାରେ-

" ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।


+ ପାରାଦ୍ୱୀପ ଗଡ଼, କୁଜଙ୍ଗ
ଜଗତସିଂହପୁର, ଓଡ଼ିଶା
ମୋ-୯୯୩୭୬୯୧୪୭୫


# ସାଧାରଣତନ୍ତ୍ର ଦିବସ ଓ ଆମ ସମ୍ବିଧାନ




### ପୁଷ୍ପମିତ୍ର ମହାପାତ୍ର


୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଗାଣତାନ୍ତ୍ରିକ ରାଷ୍ଟ୍ର ଭାବେ ଘୋଷିତ ପାଇଁ ସମ୍ବିଧାନ ପ୍ରଣୟନ କରାଯାଇଥିଲା । ସମ୍ବିଧାନ ଜରିଆରେ ଭାରତବର୍ଷର ଏକତା ଅଖଣ୍ଡତା ରକ୍ଷା କରାଯାଇଛି । ଆମ ସମ୍ବିଧାନ ସମସ୍ତ ନାଗରିକଙ୍କୁ ରାଜନୈତିକ ଓ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି । ଏହାଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସଂଭବ ହୋଇଛି।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବ୍ରିଟିଶା ଶାସନ କବଳରୁ ସ୍ୱାଧୀନ ହେଲା। ସେତେବେଳକୁ ଦେଶର ଏକ ସ୍ଥାୟୀ ସମ୍ବିଧାନ ନଥିଲା। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାର ଅପସାରଣ ହୋଇ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଏକ ସାର୍ବଭୌମ ରାଷ୍ଟ୍ରର ମୂଳଦୁଆ ହେଉଛି ନିଜସ୍ୱ ସମ୍ବିଧାନ। ବ୍ରିଟିଶ ସରକାର ୧୯୩୫ ମସିହାରେ ଭାରତ ପାଇଁ ଏକ ସାମ୍ବିଧାନିକ ଢ଼ାଞ୍ଚା ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ-୧୯୩୫ ପ୍ରସ୍ତୁତ କରିଥିଲେ। ୧୯୪୬ ଡିସେମ୍ବର ୯ ତାରିଖରେ ପ୍ରଥମ ଥର ପାଇଁ ଭାରତର ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା। ଏହି ସଭାରେ ଜବାହାରଲାଲ ନେହରୁ, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ଡଃ ରାଜେନ୍ଦ୍ର ପ୍ରସାଦ, ବଳବନ୍ତ ରାୟ ମେହେଟା, କେଏମ୍ ମୁନସୀ, ସରୋଜିନୀ ନାଇଡୁ ଓ ରାଜକୁମାରୀ ଅମୃତ କୌରଙ୍କ ଭଳି ତୁଙ୍ଗ ନେତାମାନେ ସାମିଲ ଥିଲେ। ୧୯୪୭ ମସିହା ଅଗଷ୍ଟ ୨୯ରେ ଏକ ସ୍ଥାୟୀ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ଚିଠା କମିଟି ନିଯୁକ୍ତ କରାଗଲା। ଡଃ.



ବି.ଆର. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ସାତଜଣିଆ କମିଟି ୧୯୪୭ ନଭେମ୍ବର ୪ ତାରିଖ ଦିନ ସମ୍ବିଧାନ ଚିଠା ପ୍ରସ୍ତୁତ କରି ସମ୍ବିଧାନ ସଭାକୁ ପ୍ରଦାନ କଲେ। ସମ୍ବିଧାନ ସଭାର ବୈଠକ ୧୬୬ ଥର ବସିଥିଲା ଓ ୩୦୮ ସଦସ୍ୟ ଏହା ଉପରେ ବ୍ୟାପକ ବିଚାର ବିମର୍ଷ କରିଥିଲେ। ୧୯୪୯ ନଭେମ୍ବର ୨୬ ରେ ସମ୍ବିଧାନ ଚିଠା ଗୃହୀତ ହେଲା। ସମ୍ବିଧାନ ପ୍ରସ୍ତୁତ ପାଇଁ ୨ବର୍ଷ ୧୧ ମାସ ୧୮ ଦିନ ବ୍ୟାପୀ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେଲା। ଶେଷରେ ସମ୍ବିଧାନ ସଭାର ୩୦୮ ଜଣ ସଦସ୍ୟ ଏହାର ହିନ୍ଦୀ ଓ ଇଂଲିଶ ସଂସ୍କରଣରେ ୧୯୫୦ ଜାନୁଆରୀ ୨୪ ତାରିଖରେ ସ୍ୱାକ୍ଷର କଲେ। ଦସ୍ତଖତର ଦୁଇ ଦିନ ପରେ ୨୬ ଜାନୁଆରୀରୁ ସମ୍ବିଧାନ କାର୍ଯ୍ୟକାରୀ ହେଲା। ୧୯୩୦ ମସିହାରେ ଏହି ଦିନ ଭାରତର ସ୍ୱାଧୀନତା ଘୋଷଣାନାମା ଗୃହୀତ ହୋଇଥିବାରୁ ଏହି ଦିନକୁ ସମ୍ବିଧାନ କାର୍ଯ୍ୟକାରୀ ପାଇଁ ବଛା ଯାଇଥିଲା। ୧୯୩୦ ମସିହା ଜାନୁଆରୀ ୨୬ ତାରିଖକୁ ଭାରତୀୟ ଜାତୀୟ କଂଗ୍ରେସ ପୂର୍ଣ୍ଣ ସ୍ୱରାଜ ଦିବସ ବା ସ୍ୱାଧୀନତା ଦିବସ ଭାବେ ପାଳି ଆସୁଥିଲା। ସମ୍ବିଧାନର ଦୁଇଟି ଯାକ ମୂଳ ଗ୍ରନ୍ଥ ହିନ୍ଦୀ ଓ ଇଂଲିଶର ପ୍ରତିଟି ପୃଷ୍ଠା ହାତ ଲେଖାରେ ତିଆରି ହୋଇଛି। ଭାରତର ସମ୍ବିଧାନର ପ୍ରାରମ୍ଭରେ ପ୍ରାକ୍ କଥନ ରହିଛି। ଶାନ୍ତି ନିକେତନର ପ୍ରସିଦ୍ଧ ଚିତ୍ରକର ବେଓହର ରାମମନୋହର ସିହ୍ନା ଏହାର ଡିଜାଇନ ପ୍ରସ୍ତୁତ କରିଛନ୍ତି। ମୂଳ ସମ୍ବିଧାନ ୨୨ଟି ଭାଗ ବା ଅଧ୍ୟାୟରେ ୩୯୫ଟି ଧାରା ଓ ୮ ଗୋଟି ଅନୁଚ୍ଛେଦ ରହିଥିଲା। ୨୦୧୩ ମାର୍ଚ୍ଚ ସୁଦ୍ଧା ୧୨୦ଟି ସମ୍ବିଧାନ ସଂଶୋଧନ ବିଲ ସଂସଦରେ ଉପସ୍ଥାପନ ହୋଇସାରିଛି। ଏଥିରୁ ୯୮ଟି ସଂଶୋଧନ କାର୍ଯ୍ୟକାରୀ ହୋଇଛି। ୧୯୭୬ରେ ଏପରି ସଂଶୋଧନ କରି ସାମାଜିକ ଓ ଧର୍ମନିରପେକ୍ଷ ଶବ୍ଦ ପ୍ରାକ୍‌କଥନରେ ଯୋଡ଼ା ଯାଇଥିଲା। ବର୍ତ୍ତମାନ ରୂପରେ ଭାରତୀୟ ସମ୍ବିଧାନରେ ପ୍ରାକକଥନ ସହ ମୋଟ ୨୫ ଭାଗରେ ୪୪୮ଟି ଧାରା ଓ ୧୨ଟି ଅନୁଚ୍ଛେଦ ରହିଛି।

ସ୍ୱାଧୀନତା ପରେ 'କ୍ୟାବିନେଟ୍ ମିସନ୍ ପ୍ଲାନ୍' ଅନୁଯାୟୀ ସମ୍ବିଧାନ ରଚନା କରିବା ନିମନ୍ତେ ସାମ୍ବିଧାନିକ ସଭା ଗଢାଯାଇଥିଲା । ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ନିର୍ବାଚିତ ଏବଂ ମନୋନୀତ ପ୍ରତିନିଧିମାନେ ଏହି ସଭାର ସଦସ୍ୟ ହୋଇଥିଲେ । ବିଆର୍ ଆମ୍ବେଦକର, ଶ୍ୟାମା ପ୍ରସାଦ ମୁଖାର୍ଜୀ, କେଏମ୍ ମୁନ୍‌ସୀ, ଜବାହାରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମୌଲାନା ଆବୁଲ କଲାମ ଆଜାଦ, ଆଲ୍ଲାଡି କୃଷ୍ଣସ୍ୱାମୀ ଆୟାର, ଏନ୍ ଗୋପାଳସ୍ୱାମୀ ଆୟେଙ୍ଗାର, ଜେରୋମ୍ ଡି'ସୁଜା ପ୍ରମୁଖ ସେହି ସାମ୍ବିଧାନିକ ସଭାର ସଦସ୍ୟ ଥିଲେ । ଅଭିଜ୍ଞ ପ୍ରଶାସକ ତଥା ଆଇସିଏସ୍ ଅଧିକାରୀ ବିଏନ୍ ରାଉଙ୍କୁ ପରାମର୍ଶଦାତା ଭାବେ ଗ୍ରହଣ କରାଯାଇଥିଲା । ରାଉ ୧୯୪୮ର ଚିଠା ସମ୍ବିଧାନ ପ୍ରସ୍ତୁତ କରିଥିଲେ । ସେଇଟିକୁ ଆମ୍ବେଦକରଙ୍କ ନେତୃତ୍ୱରେ ଚିଠା କମିଟି ସଂଶୋଧିତ କରିଥିଲା । ଅନ୍ୟୁନ ଦୁଇ ହଜାର ସଂଶୋଧନ ପରେ ଚିଠା କମିଟି ସେଇଟିକୁ ଚୂଡ଼ାନ୍ତ ରୂପ ଦେଇଥିଲା । ୧୯୫୦ ଆଜି ଦିନରେ ପ୍ରଥମେ ସର୍ବସମ୍ମତିକ୍ରମେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ରାଷ୍ଟ୍ରପତି କରାଯିବା ପରେ ସେ ସଦସ୍ୟମାନଙ୍କୁ ସମ୍ବିଧାନରେ ସ୍ୱାକ୍ଷର କରିବା ପାଇଁ ଆମନ୍ତ୍ରିତ କରିଥିଲେ । ନେହରୁ ପ୍ରଥମେ ଏବଂ ସର୍ବଶେଷରେ ରାଜେନ୍ଦ୍ର ପ୍ରସାଦ ସେଥିରେ ସ୍ୱାକ୍ଷର କରିଥିଲେ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ସେକ୍ଟର-୯, ସିଡିଏ, କଟକ,
ମୋ: ୯୪୩୭୨୨୫୬୮୯

# ଅଯୋଧ୍ୟାକୁ ଗଡିଲା ସରକାରୀ ବସ୍

ଜୟପୁର, ୨୮/୧ (ନି.ପ୍ର): ଅଯୋଧ୍ୟାକୁ ଗଡିଲା ସରକାରୀ ବସ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ମହାକୁମ୍ଭମେଳା ପାଇଁ ସ୍ୱତନ୍ତ୍ର ବସ ସେବାର ଆୟୋଜନ କରିଛନ୍ତି। ଆଜି କୋରାପୁଟରୁ ଅଯୋଧ୍ୟାକୁ ଏକ ସରକାରୀ ବସର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ,ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ଆଂଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଜିଲ୍ଲା ପରିବହନ ମ୍ୟାନେଜର ଶ୍ରୀନିବାସ ପାଣିଗ୍ରାହୀ ଯୋଗଦେଇ ପରିଚାଳନା କରିଥିଲେ। କୋରାପୁଟ ସହର ବାସିନ୍ଦାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସରକାରୀ ବସ ଚଳାଇବା ପାଇଁ ଚେଷ୍ଟା କରାଯାଉଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି। ସେହିପରି ଜୟପୁର ସରକାରୀ ବସଷ୍ଟାଣ୍ଡର ୩୫ ଜଣ ଛାତ୍ରୀ ଗସ୍ତ କରିଛନ୍ତି । ଜିଲାରୁ ୫ଟି ଥର ସରକାରୀ ବସ ଚଳ ପ୍ରଚଳ କରିବ । ଆଜି ୧୧ଟା ୪୫ ମିନଟ ସମୟରେ ଜୟପୁର ସରକାରୀ ବସ ଷ୍ଟାଣ୍ଡରୁ ବସ ଯାତ୍ରା ଆରମ୍ଭ କରିଛି । ଏନେଇ ଡିଟିଏମ ଶ୍ରୀନିବାସ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ବସରେ ସୁବିଧା ରହିଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି । ପ୍ରୟାଗରାଜକୁ ୫ ଦିନ ଧରି ବସ ଚଳାଚଳ କରିବ । କୋରାପୁଟ ଜିଲା ପାଇଁ ଅଧିକା ଚାହିଦା ଥିବାରୁ ଅନ୍ୟ ବସ ପାଇଁ ରାଜ୍ୟ ସରକରାଙ୍କ ନିକଟରେ ଅନୁରୋଧ କରାଯାଇଛି । ବସ ରେ ୫୧ଟି ସିଟ ଥିବାବେଳେ ୩୫ ଜଣ ଜୟପୁରରୁ ଯାତ୍ରୀ ଯାଇଛନ୍ତି ।

# ଝରନିପାଲି ଗ୍ରାମ ପଂଚାୟତ ସ୍ତରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ

ବଲାଙ୍ଗିର, ୨୮/୧ (ନି.ପ୍ର): ଆଗଲପୁର ବ୍ଲକ୍ ଅନ୍ତର୍ଗତ ଝରନିପାଲି ଗ୍ରାମ ପଂଚାୟତଠାରେ ସ୍ୱତନ୍ତ୍ର ଗ୍ରାମ ସଭା ସରପଂଚ ଶ୍ରୀମତୀ ସୁନୀତା ସାହୁ ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ ଅନୁଷ୍ଠିତ ହୋଇଯାଇଛି।ଏହି ଗ୍ରାମ ପଂଚାୟତର ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ପଧାନ ସମସ୍ତଙ୍କୁ ସ୍ୱାଗତ ଜଣ।ଇ ସାମୁହିକ କାର୍ଯକ୍ରମ ଉପରେ ପ୍ରସ୍ତାବ ଜଣାଇବା ପାଇ ପ୍ରକାଶ କରିଥିଲେ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଙ୍କୁ ସ୍ୱାଗତ ଜଣାଇ ଶିଶୁ ସୁରକ୍ଷା ଉପରେ ଗ୍ରାମ ପଂଚାୟତ ସ୍ତରୀୟ ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିବାକୁ ପ୍ରକାଶ କରିଥିଲେ। ଏହି ସ୍ୱତନ୍ତ୍ର ଗ୍ରାମ ସଭା ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରୁଣା ର ଜିଲ୍ଲା ପରାମର୍ଶଦାତା ଶ୍ରୀ ପ୍ରମୋଦ ବଗର୍ତ୍ତି ପଂଚାୟତ ଶିଶୁ ସୁରକ୍ଷା ଯୋଜନା ଉପରେ ଉପସ୍ଥାପନ କରିଥିଲେ ଯଥା ପିତୃ ମାତୃ ହିନ ଶିଶୁଙ୍କୁ ପୋଷ୍ଟ ପୋଷକତ ରାଶି ସହାୟତା ପ୍ରଦାନ ପାଇଁ ଶିଶୁ ଙ୍କୁ ଚିହ୍ନଟ, ଶିକ୍ଷା ପାଇଁ ସୁଦକ୍ଷ। ଜୋଜନା,ଯୋସଦା ଯୋଜନା ଏବଂ ଶିଶୁଙ୍କ ପାଇଁ ସାମୁହିକ ସଚେତନତା ଉପରେ ସରପଂଚଙ୍କ ପରାମର୍ଶ କ୍ରମେ ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ୧,୦୦,୦୦୦/- ଏକ ଲକ୍ଷ ଟଙ୍କାର ପ୍ରସ୍ତାବ ରଖିବା ସହିତ ପୂର୍ବ ବର୍ଷ ପାଇ ଥିବା ୧,୦୦,୦୦୦/- ଟଙ୍କା ଶିଶୁ ମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ଯୋଜନା ପଂଚାୟତ ସ୍ତରରେ ନିଷ୍ପତି ପ୍ରଦାନ କରାଗଲା,ଏହି ଅବସରରେ ଓ୍ୱାର୍ଡ ମେମ୍ବର,ଆଶା ,ଅଙ୍ଗନଓ୍ୱାଡ଼ି, ପଂଚାୟତ ର ଜନସାଧାରଣ ,ପଲ୍ଲୀ ଆଲୋକ ପାଠାଗାର ର ପ୍ରକଳ୍ପ ସଂଯୋଜକ ହୀରାଲାଲ୍ ମିଶ୍ର, ପିଣ୍ଟୁ ପଧାନ ଉପସ୍ଥିତ ଥିଲେ।ଏହି ଅବସରରେ ପଂଚାୟତ ର ନୋଡାଲ ଅଫିସର୍ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ 'ନାରୀ ସୁରକ୍ଷା ପାଇଁ ସଚେତନ ହେବା ଜରୁରୀ'

ବଲାଙ୍ଗିର, ୨୮/୧ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ରାଧାଶ୍ୟାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଈ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ,ଚୈତନ୍ୟ ଦଣ୍ଡସେନା,ନିରୂପମା ସାହୁ,ନିଳାଚଳ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ। ଅଧ୍ୟକ୍ଷ ଶ୍ରୀ ଭଞ୍ଜ ନାରୀର ସୁରକ୍ଷା ପାଇଁ ସବୁ କ୍ଷେତ୍ରରେ ସଂସ୍କାର ଆବଶ୍ୟକ ଓ ସବୁ ବର୍ଗର ଲୋକ ଏ ଦିଗରେ ସଚେତନ ହେବା ଜରୁରୀ ବୋଲି କହିଥିଲେ।ପ୍ରଶିକ୍ଷିକା ଭାବେ ମାଷ୍ଟର ଟ୍ରେନର ଲିପସା ରାଣୀ ଡାଙ୍ଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ମିତ୍ରଭାନୁ ବିଶ୍ୱାଳଙ୍କ ପରିଚାଳନାରେ ପ୍ରଶିକ୍ଷିକା ୩୮ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେଇଥିଲେ। ଶେଷରେ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ନାସିକ୍ ସ୍ଥିତ ଶିରିଡି ଅଭିମୁଖେ ଯାତ୍ରା କଲେ କନ୍ଧମାଳର ୮୮ଜଣ ବରିଷ୍ଠ ନାଗରିକ

କନ୍ଧମାଳ , ୨୮/୧ (ନି.ପ୍ର): ଓଡ଼ିଶା ସରକାରଙ୍କର ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି କନ୍ଧମାଳ ଜିଲ୍ଲାର ୮୮ ଜଣ ବରିଷ୍ଠ ନାଗରିକ ଶିରିଡ଼ି- ନାସିକ ଅଭିମୁଖରେ ବାହାରିଛନ୍ତି । ସେମାନଙ୍କ ସହିତ ଦିପ୍ତିକାନ୍ତ ନାୟକ, ଜିଲ୍ଲା ସଂଯୋଜକ ଏଚ.ଆର.ଏମ୍.ଏସ୍., ପ୍ରମୋଦ କୁମାର ନାୟକ, ବରିଷ୍ଠ ସହାୟକ, ଜିଲ୍ଲା ପର୍ଯ୍ୟଟନ ବିଭାଗ, ଆଶିଷ କୁମାର ବେହେରା, ବରିଷ୍ଠ ସହାୟକ ପ୍ରମୁଖ ସେମାନଙ୍କ ସହ ଶିରିଡ଼ି- ନାସିକ ଅଭିମୁଖରେ ବାହାରିଛନ୍ତି । ଏହି ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ଉଦେ୍ଦଶ୍ୟରେ ସରକାର ୨୦୨୪-୨୫ ର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଟ୍ରେନ୍ର ଶୁଭାରମ୍ଭ କରିଛନ୍ତି । କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକରୁ୨୪ ଜଣ, ଫୁଲବାଣୀ ବ୍ଲକରୁ୨୧ ଜଣ, ଟିକାବାଲି ବ୍ଲକରୁ୦୭ ଜଣ, ଫିରିଙ୍ଗିଆ ବ୍ଲକରୁ ୦୫ ଜଣ, ଖଜୁରୀପଡ଼ା ବ୍ଲକରୁ୧୪ ଜଣ, ଚକାପାଦ ବ୍ଲକରୁ ୦୩ ଜଣ, ବାଲିଗୁଡ଼ା ବ୍ଲକରୁ ୦୨ ଜଣ, ଦାରିଙ୍ଗିବାଡ଼ି ବ୍ଲକରୁ ୦୪ ଜଣ, କେ. ନୂଆଗାଁ ବ୍ଲକରୁ ୦୩ ଜଣ, ତୁମୁଡ଼ିବନ୍ଧ ବ୍ଲକରୁ ୦୩ ଜଣ ଏବଂ ରାଇକିଆ ବ୍ଲକରୁ ୦୨ ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ସାମିଲ ଅଛନ୍ତି ବୋଲି ସେମାନଙ୍କ ସାଙ୍ଗରେ ଯାଉଥିବା ଅଧିକାରୀ ପ୍ରକାଶ କରିଛନ୍ତି । ସେଥିପାଇଁ ଦୁଇ ଗୋଟି ଯାତ୍ରୀବାହୀ ବସ୍ ସାର୍ତାଗୁଡ଼ା ସ୍ଥିତ ବୃଦ୍ଧାଶ୍ରମରୁ ଆଜି ପୁର୍ବାହ୍ନରେ ବାହାରିଛି । ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଉପ-ଜିଲ୍ଲାପାଳ, ଖଣ୍ଡମାଳ ଚିତରଞ୍ଜନ ମହନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଜୟାଲକ୍ଷ୍ମୀ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଡେପୁଟି କଲେକ୍ଟର - ତଥା- ଏହି ଆଧ୍ୟାତ୍ମିକ ଯାତ୍ରାର ଜିଲ୍ଲା ନୋଡାଲ ଅଧିକାରୀ ଅନୁପମ୍ ଆଚାର୍ଯ୍ୟ, ସହକାରୀ କଲେକ୍ଟର ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀମତୀ କୁମୁଦିନି ମଲ୍ଲିକ ପ୍ରମୁଖ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ତୀର୍ଥଯାତ୍ରୀମାନଙ୍କୁ ଚନ୍ଦନ ଟିପା ଲଗାଇ ସେମାନଙ୍କର ଶୁଭ କାମନା କରାଯାଇଥିବା ବେଳେ ଅତିଥିମାନେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଗୋଲାପ ଫୁଲ ଦେଇଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଶୁଭାରମ୍ଭ ବେଳେ ସଂକୀର୍ତନ ପରିବେଷଣ କରାଯାଇଥିଲା । ଆସନ୍ତା କାଲି ବ୍ରହ୍ମପୁର ରେଳ ଷ୍ଟେସନ୍ ଠାରୁ ବ୍ରହ୍ମପୁର-ଶିରିଡ଼ି-ନାସିକ୍ ଅଭିମୁଖୀ ଏହି ଆଧ୍ୟାତ୍ମିକ ଯାତ୍ରା ଟ୍ରେନ୍ ବାହାରିବ ବୋଲି ଜଣାପଡ଼ିଛି ।

# ଉଦ୍ଯାପନ ହେଲା ଏସଓଏସ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସର ନବାଗତ ମହୋତ୍ସବ

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): ଏସଓଏସ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଦୁଇ ଦିନିଆ ନବାଗତ ସ୍ୱାଗତ ମହୋତ୍ସବର ଉଦ୍ଯାପନୀ ହୋଇଯାଇଛି । ଏହି ଉଦ୍ଯାପନୀ ଦିବସରେ ତୁଳସୀ ଏଏନଏମ ଓ ଜିଏନଏମ ଟ୍ରେନିଂ ସେଂଟରର ଏଏନଏମ, ଜିଏନଏମ ଓ ଏସଓଏସ କଲେଜ ଅଫ୍ ନର୍ସିଂର ବିଏସସି ନର୍ସିଂରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀ ତଥା ନବାଗତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରମୋଦ କୁମାର ପ୍ରହରାଜ, ମୁଖ୍ୟ ବକ୍ତା ଭାବେ ଉପ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ପରିବାର ନିୟନ୍ତ୍ରଣ ବିଭାଗ ବରିଷ୍ଠ ଡ. ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ସାମନ୍ତରାୟ, ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ, ପ୍ରଫେସନାଲ ନିର୍ଦ୍ଦେଶକ ଜ୍ୟୋର୍ତିମୟୀ ପଟ୍ଟନାୟକ, ଏସଓଏସ କଲେଜ ଅଫ୍ ନର୍ସିଂର ସହ ଅଧକ୍ଷା ପ୍ରୟମ୍ବଦା ପଟ୍ଟନାୟକ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନର୍ସିଂ ଶିକ୍ଷାର ମହତ୍ୱ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ସେବା କରିବାର ମୂଳମନ୍ତ୍ର ପ୍ରଦାନ କରିଥିଲେ । ସେକ୍ ମହମ୍ମଦ ସବିରଙ୍କୁ ମିଷ୍ଟର ଟାଇନ୍, ପ୍ରତ୍ୟାଶା ପ୍ରିୟଦର୍ଶିନୀ ବେହେରାଙ୍କୁ ମିସ୍ ଟାଇନ୍, ବିଦ୍ୟାସାଗର ମନ୍ଦୁନକୁ ମିଷ୍ଟର ଫ୍ରେସର, ରାଜଲକ୍ଷ୍ମୀ ସାହୁଙ୍କୁ ମିସ୍ ଫ୍ରେସର ଏବଂ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କୁ ମିସ୍ ବଟର୍ଫ୍ଲାଏ ଭାବେ ସମ୍ମାନୀତ କରାଯାଇଥିଲା । ପ୍ରଶିକ୍ଷିକା ସନ୍ଧ୍ୟାରାଣୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଶିକ୍ଷିକା ପଲ୍ଲବୀ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ସୋନାଲି ସେନାପତି ଓ ଛାତ୍ରୀ ଋତୁପର୍ଣ୍ଣା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶିକ୍ଷିକା ବର୍ଷା ପଳାଇ, ମୋନାଲିସା ସ୍ୱାଇଁ, ସୁପ୍ରଭା ମଞ୍ଜରୀ ଦାଶ, ମନିଷାରାଣୀ, ରଶ୍ମିତା ମହାନ୍ତି, ବିଜୟ କୁମାର ସାହୁ, ତପନ ମହାନ୍ତି, ଶୁଭ୍ର ସନ୍ତୋଷ ଦାସ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ତୃତୀୟ ବିମଲେଇ ମହୋତ୍ସବ ଉଦ୍ଯାପିତ

ବଲାଙ୍ଗୀର, ୨୮/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ମିନି ଷ୍ଟାଡିୟମ ଠାରେ ତୃତୀୟ ବିମଲେଇ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବର ସଭାପତି ଭରତଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଲେଇସର୍ଡା ସେବା ସମବାୟ ସମିତିର ସଭାପତି ଉମେଶ ପଧାନ ଯୋଗଦେଇ ସର୍ଜନଶୀଳତାରେ ଈର୍ଷା, ମିଥ୍ୟାଚାର ଭଳି ସ୍ୱଭାବ ଓ ଆଚରଣ ସର୍ବାଦୌ ବାଞ୍ଛନୀୟ ଅଟେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ପିପିର୍ଡା ସେବା ସମବାୟ ସମିତିର ସଭାପତି ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ମନରେ ଗଭୀର ବିଶ୍ୱାସ ରଖି ପ୍ରତ୍ୟେକ ବ୍ୟକ୍ତି ଅନୁଶାସିତ ହୋଇ ଧୈର୍ଯ୍ୟ, ସାହସର ସହ ନିଜ ସାଧମତେ ଦେଶ ନିର୍ମାଣରେ ଲାଗିପଡ଼ିବା ଉଚିତ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବିଲେଇସର୍ଡା ସରପଂଚ ତଥା ଆୟୋଜକ ବିମଲେଇ ମହୋତ୍ସବ କମିଟୀ ସୁଶାନ୍ତ ଛତ୍ରିଆ ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହୋଇଥିବାରୁ କାର୍ଯ୍ୟକ୍ରମ ସହ ଜଡ଼ିତ ଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଦେଇଥିଲେ। ସଭାପତି ବଲାଙ୍ଗୀର କୃଷକ ମହାସଂଘ ଜତି ପଧାନ ମଂଚାସୀନ ଥିଲେ। ସନ୍ଥ ଦିବ୍ୟଜୀବନ ଗୁରୁକୁଳର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଭାପରେ କଂସ ଦରବାର ବସିଥିଲା।

# ଜୁଲୁସର ବିନୋଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଦ୍ୱିତୀୟ ଦିବସ : ଜେଏଫ୍ଏ ଜୁଲୁସର ବିଜୟୀ

ବଲାଙ୍ଗିର, ୨୮/୧ (ନି.ପ୍ର): ବଲାଙ୍ଗିର ବ୍ଲକ ସ୍ଥିତ ଜୁଲୁସର ଖେଳ ପଡିଆରେ ଜବାହାରଲାଲ ଫୁଟବଲ ଏସୋସିଏସନ ତରଫରୁ ଅନୁଷ୍ଠିତ ବିନୋଦ ସ୍ମାରକୀ ଫୁଟବଲ ଦ୍ୱିତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଜେଏଫ୍ଏ ଜୁଲୁସର ବନାମ କୋଷ୍ଟାଲ ଇଲେଭେନ କଂଟାବାଞ୍ଜି ଖେଳ ୧-୧ ଗୋଲରେ ଡ୍ର ରହିଥିଲା । ଟ୍ରାଇବ୍ରେକର ୪-୩ ଗୋଲରେ ଜୁଲୁସର ବିଜୟୀ ହେଲା । ଚୁଡାପାଲି ଗ୍ରା.ପ.ସରପଂଚ ଲକ୍ଷ୍ମୀ ନନ୍ଦ , ସମିତି ସଭ୍ୟା ପୁଷ୍ପାଞ୍ଜଳି ମହାଲିଙ୍ଗ, ନାଏବ ସରପଂଚ ଅକ୍ଷୟ ତାଣ୍ଡି ଓ ପୂର୍ବତନ ଖେଳାଳି ନୀଳମଣି ଦଣ୍ଡସେନା ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱର୍ଗତ ବିନୋଦ କୁମୁରାଙ୍କ ପିତା ରାମ କୁମାର କୁମୁରା ଓ ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ଶରତ କୁମାର ନନ୍ଦ ମଂଚାସିନ ଥିଲେ । କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କ୍ରୀଡାବିତ ପ୍ରଫୁଲ୍ଲ ବଗର୍ତି, ପୂର୍ବତନ ଖେଳାଳି ଲୋକନାଥ କୁମୁରା ଓ ଶ୍ରୀବସ୍ତ କୁମୁରା ଉପସ୍ଥିତ ଥିଲେ । ଖେଳକୁ ସଞ୍ଜନ କୁଦେଇ, ଦେବାଶିଷ ବାଗ, ତ୍ରିନାଥ ଚନ୍ଦନ, ସଂଜିବ ମହାରଣା, ଜଳନ୍ଧର ସାହୁ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଦିଲିପ ମଲ୍ଲିକ, ଉମେଶ ରଣା, ମହାଦେବ ଧରୁଆ, ବିଦ୍ୟାଧର ମହାଲିଙ୍ଗ, ସଚିନ୍ଦ୍ର ମଲ୍ଲିକ, ରବିନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ । ୨୮ତାରିଖ ମଙ୍ଗଳବାର ଜିଓ୍ୱାଇଡିସି ନକଟାସର ବନାମ ଜେଏଫ୍ଏ ଜୁଲୁସର ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ହେବ ବୋଲି ଆୟୋଜନ କମିଟି ଅଧ୍ୟକ୍ଷ ଶରତ କୁମାର ନନ୍ଦ ସୂଚନା ଦେଇଛନ୍ତି ।

# ନାଟ୍ୟ-କଳା-ସାହିତ୍ୟ ପରିଷଦ ଉତ୍ସବ ଅବସରରେ ମନମୋହିଲା ନାଟକ ଆମରି କଥା ଆମରି ନାଟକ

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନାଟ୍ୟ-କଳା-ସାହିତ୍ୟ ପରିଷଦ ତରଫରୁ ଆୟୋଜିତ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ପର୍ବ ଓ ନାଟ୍ୟ ଉତ୍ସବ ପରିଷଦର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ରୁଦ୍ରାଣୀ ପବ୍ଲିକ ସ୍କୁଲ ଓ କଳା ବିକାଶ କେନ୍ଦ୍ର ତରଫରୁ ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା । ଏଥିରେ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ରତ୍ନାକର ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ନାଟକ "ଆମରି କଥା ଆମରି ନାଟକ" ସମସ୍ତଙ୍କର ମନମୋହିତ କରିଥିଲା । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଯୋଗଦାନ କରି କହିଲେ ଏହି ଅନୁଷ୍ଠାନ ନିଶ୍ଚୟ କେନ୍ଦ୍ରାପଡାର ଅକୁହା କଥାକୁ ଲୋକଲୋଚନକୁ ଆଣିବ । ସମ୍ବର୍ଦ୍ଧନା ପର୍ବରେ ପ୍ରଫେସର ଡ. ବୈଷ୍ଣବ ସାମଲ ନିକଟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯାଉଥିବାରୁ ମୁଖ୍ୟ ଅତିଥି ଡ. ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ତରରେ ଡ. ସାମଲ କହିଲେ ଅହଙ୍କାର ଥିବା ବ୍ୟକ୍ତି କେବେ ପ୍ରକୃତ ସାହିତ୍ୟିକ ହୋଇପାରେନା । ଜଣେ କବି କି ନାଟ୍ୟକାର ମା'ର ସ୍ତରକୁ ନଗଲେ କେବେ ସେ ସଫଳତା ଲାଭ କରିପାରିବ ନାହିଁ। ଏହି ଅବସରରେ ନିକଟ ଅତୀତରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ଭାବରେ ବିଦ୍ୟାଧର ମୁଦୁଲି ନିର୍ବାଚିତ ହୋଇଥିବାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିସହ ରୁଦ୍ରାଣୀ ପବ୍ଲିକ ସ୍କୁଲ ଓ କଳା ବିକାଶ କେନ୍ଦ୍ରର କଳାକାରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କବି ଅଶୋକ କୁମାର ସାହୁ ଓ କବିତା ମୁଦୁଲିଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଦୀପକ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ସିଂହ, ବିଧୁଭୂଷଣ ତ୍ରିପାଠୀ, ସୌଭାଗିନୀ ମହାପାତ୍ର, ଅଭୟ କୁମାର ଶତପଥୀ, ସୁଶିଲ ସୂତାର, ବିଷ୍ଣୁପ୍ରିୟା ସାମଲ, ବିକ୍ରମ କେଶରୀ ସାମଲ, ଇନ୍ଦ୍ରମଣି ପଣ୍ଡା, ବିଶିଷ୍ଟ ସାମ୍ବାଦିକ ଜଗନ୍ନାଥ ଧଳ, ସହଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଶୋକ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଖୋଲିଲା ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ହୁଣ୍ଡି

ରାୟଗଡ଼ା, ୨୮/୧ (ନି.ପ୍ର): ଖୋଲିଲା ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣୀଙ୍କ ହୁଣ୍ଡି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମନ୍ଦିରର ଦାନହୁଣ୍ଡି ଖୋଲାଯାଇ ଗଣତି ଚାଲିଛି । ତହସିଲଦାରଙ୍କ ତତ୍ତ୍ୱାବଧାନ ଏବଂ ଏଣ୍ଡୋମେଂଟ ବିଭାଗ କର୍ମକର୍ତା, ମନ୍ଦିର ପରିଚାଳନା କମିଟି ସଦସ୍ୟ ମାନଙ୍କ ଉପସ୍ଥିତିରେ ଦାନ ହୁଣ୍ଡି ଖୋଲାଯାଇଛି । ସମୁଦାୟ ୯ଟି ହୁଣ୍ଡି ଖୋଲାଯାଇଛି । ଆଜିର ଗଣତି ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରାୟ ୨୦୦ ମହିଳା ଏଥିରେ ସାମିଲ୍ ହୋଇଛନ୍ତି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପୂର୍ବାହ୍ନ୧୦ଟା ଠାରୁ ଚାଲିଛି ଟଙ୍କା ଗଣତି । ଟଙ୍କା ମେସିନ୍ ମାଧ୍ୟମରେ ଗଣତି ଚାଲିଛି । ଟଙ୍କା ଗଣତି ପରେ ଏହାକୁ ବ୍ୟାଙ୍କରେ ଡିପୋଜିଟ୍ କରାଯିବ । ସୁରକ୍ଷା ଦୃଷ୍ଟିରୁ ପୋଲିସ ଫୋର୍ସ ଉପସ୍ଥିତ ରହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଥର ଅର୍ଥାତ୍ ୨୦୨୪ରେ ହୁଣ୍ଡିରୁ ସଂଗ୍ରହ ହୋଇଥିଲା ୯୯ ଲକ୍ଷ ୧୫ ହଜାର ୪୨୨ ଟଙ୍କା । ଏଥି ସହିତ ୨ କେଜି ୩୯୦ ଗ୍ରାମ୍ ରୂପା ଓ ୫୩ ଗ୍ରାମ୍ ସୁନା ମଧ ସଂଗୃହୀତ ହୋଇଥିଲା ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୮୦ତମ ତିରୋଧାନ ଦିବସ

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୮୦ତମ ତିରୋଧାନ ଦିବସ କେନ୍ଦ୍ରାପଡା ସହରର ଆନନ୍ଦ ମାର୍ଗରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦମାର୍ଗରେ ଥିବା ବିପ୍ଳବୀଙ୍କ ପ୍ରତିମୂର୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଏକ ସ୍ମୃତିସଭା ସ୍ମୃତି କମିଟି ସଭାପତି ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାଜଜ୍ ବିଶ୍ୱଜିତ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ବରେଣ୍ୟ ଅତିଥି ଭାବେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ,ସିଭିଲ କୋର୍ଟ ରେଜିଷ୍ଟର ରମାଦେବୀ ସୋରେନ, ଅତିରିକ୍ତ ଜିଲ୍ଲା ଜଜ ବିଷ୍ଣୁଦେବ ଜେନା, ଫାଷ୍ଟଟ୍ରାକ କୋର୍ଟ ଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପୌରାଧକ୍ଷା ସରିତା ସାହୁ, କାଉନସିଲର ସେକ ଅସଲମ, ସାହିତ୍ୟିକ ଡ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଦେଶପ୍ରେମୀ ସୃଷ୍ଟି ହେବା ପାଇଁ ଶିକ୍ଷାନୁଷ୍ଠାନମାନେ ତତ୍ପର ହେବା ଦରକାର

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସୁଜାନଗରସ୍ଥିତ ଶୀବାୟ ଟ୍ୟୁଟୋରିଆଲ୍ସର ଛାତ୍ରଛାତ୍ରୀ ମାନେ ସାଧାରଣତନ୍ତ୍ର ଦିବସ ଓ ଅନୁଷ୍ଠାନର ୧୪ତମ ବାର୍ଷିକ ଉତ୍ସବ ପାଳନ କରିଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଜଗଦାନନ୍ଦ ଜେନା ଓ ମୁଖ୍ୟବକ୍ତା ଭାବରେ ଗାନ୍ଧୀକା ଅବନ୍ତୀ ବେହେରା ଯୋଗଦେଇ ଶିକ୍ଷା ସହିତ ସଂସ୍କୃତିର ସଠିକ୍ ପ୍ରୟୋଗ କରି ଶିକ୍ଷାନୁଷ୍ଠାନମାନେ ଦେଶପ୍ରେମୀ ତଥା ସାମାଜିକ ଦାୟିତ୍ୱ ସମ୍ପନ୍ନ ନାଗରିକ ସୃଷ୍ଟି କରିବା ପାଇଁ ତତ୍ପର ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥି ଭାବରେ ପିତବାସ ବେହେରା, ରବିନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ଦାସ ଓ ରଣଧୀର ଜେନା ଯୋଗଦେଇ ସମାଜରୁ ଅନ୍ଧବିଶ୍ୱାସ ଦୁରେଇବା ପାଇଁ ମତ ଦେଇଥିଲେ। ପ୍ରାରମ୍ଭରେ କବି ମେଜର ଭରତଚନ୍ଦ୍ର ଜେନା ଜାତୀୟ ପତାକା ଉତୋଳନ କରିଥିଲେ। ପ୍ରଜ୍ଞା ପରମିତା ରାଉତ, ରାଜେନ୍ଦ୍ର ମହାପାତ୍ର ଓ ବ୍ୟଙ୍ଗକବି ଶ୍ରୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦେଶାତ୍ମବୋଧକ କବିତା, ନୃତ୍ୟ, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ନିହାରିକା ପ୍ରିୟଦର୍ଶିନୀ ନାୟକ, ଲିଜାରାଣୀ ମଳିକ, ମୌସୁମୀ ଜ୍ୟୋତିଗିରି, ଅଙ୍କିତା ପ୍ରଧାନ, ସୁଶ୍ରୀ ସଂଗୀତା ଜେନା, ପ୍ରତିତିଶ୍ରୀ ଦାସ, ସୌମ୍ୟାଶ୍ରୀ ଦାସ, ଇତିଶ୍ରୀ ଦାସ ଓ ଶୃତି କବାଟ, କବିତା ଘଡାଇ, ଜ୍ଞାନଶ୍ରୀ ରାଉତ, କିଶୋରୀ ସାହୁ, ବିଜୟଲକ୍ଷ୍ମୀ ପଣ୍ଡା, ହରପ୍ରିୟା ମଳିକ, କବିତା ମଳିକ, ଜ୍ୟୋସ୍ନାରାଣୀ ମହାରଣା, ଶୁଭଲକ୍ଷ୍ମୀ ଦାସ, ଅର୍ପିତା ନାଥ, ସାହିଲ ଖାନ୍, ଶୁଭମ ରାଓ, ଗୋବିନ୍ଦ ଭୂୟାଁ, ଆଦିତ୍ୟ ପାତ୍ର, ସୌମ୍ୟରଞ୍ଜନ କବାଟ, ରଶ୍ମିରଞ୍ଜନ ସାହୁ, ଦେବେନ୍ଦ୍ର ରାଓ, ଈଶ୍ୱର ଦାସ, ଉମେଶ ଦାସ, ଫରାନ୍ ଖାନ୍ ସମସ୍ତ ପ୍ରତିଯୋଗିଙ୍କୁ ଅନୁଷ୍ଠାନ ତରଫରୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ଓ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଦଳିତ ବସ୍ତିର ଯାତାୟତ ରାସ୍ତା ଅବରୋଧ: ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): କେନ୍ଦ୍ରାପଡା ତହସିଲ ଅଧିନ ବାରୋ ଗ୍ରାମର ଦଳିତ ବସ୍ତିର ଯାତାୟତ ପଥ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରି ଜବରଦଖଲ କରିଥିବାରୁ ଏହି ବସ୍ତିକୁ ଯିବା ଆସିବାରେ ଘୋର ଅସୁବିଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏନେଇ ବସ୍ତିର ବହୁ ସଂଖ୍ୟକ ଅଧିବାସୀ ଆଜି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ତୁରନ୍ତ ଏହି ଜବରଦଖଲ ହଟାଇବା ପାଇଁ ଦାବି କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଅଗ୍ନିଶମ ବାହିନୀ ଯାନ, ଆମ୍ବୁଲାନ୍ସ ପ୍ରଭୃତି ଜରୁରୀ କାଳୀନ ଯାନ ଗୁଡିକ ବସ୍ତି ମଧ୍ୟକୁ ଯାଇପାରୁ ନାହିଁ । ଧାରଣାକାରୀ ମାନେ ଏକ ଲିଖିତ ଅଭିଯୋଗ ପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଧାରଣାରେ ଗୋବିନ୍ଦ ମଳିକ, ବାବୁରାମ ମଳିକ, ବିଜୟ ମଳିକ, ଅମୂଲ୍ୟ ମଳିକଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଭବ୍ୟ କଳସ ଯାତ୍ରା ସହ ଆରମ୍ଭ ହେବ ଶ୍ରୀ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

ବରଗଡ, ୨୮/୧ (ନି.ପ୍ର): ବରଗଡ଼ ସରକାରୀ ବସଷ୍ଟାଣ୍ଡ ସମ୍ମୁଖରେ ଥିବା ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଶ୍ରୀ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୩୦ ତାରିଖରୁ ଆରମ୍ଭ ହେବ । ପାଞ୍ଚ ଦିନ ଧରି ହେବାକୁ ଥିବା ପ୍ରତିଷ୍ଠା ମହୋତ୍ସବ ୩୦ ତାରିଖରେ ଭବ୍ୟ କଳସ ଯାତ୍ରା ସହ ଆରମ୍ଭ ହେବ । ସେହିପରି ଜାନୁୟାରୀ ୨୯ ତାରିଖ ସନ୍ଧ୍ୟାରେ ଅଙ୍କୁରୋପଣ , ୩୦ ତାରିଖରେ ମଣ୍ଡଳ କରଣ , ମଣ୍ଡପ ସଂସ୍କାର ତଥା ଜଳଯାତ୍ରା କାର୍ଯ୍ୟକ୍ରମ ରହିଛି । ୩୧ ତାରିଖରେ ଅଗ୍ନି ସ୍ଥାପନ, ହୋମ , ଯୁପାଧିବାସ , ବିଗ୍ରହ ଧାନ୍ୟାଧିବାସ, ସ୍ନାନାଧିବାସ, ଆରତୀ , ପୁଷ୍ପାଞ୍ଜଳୀ , ଫେବୃୟାରୀ ୧ ତାରିଖରେ ମହାସ୍ନାନ, ଜୀବନ୍ୟାସ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମହାପୂଜା, ହନୁମାନ ଚାଳିଶା ଶତବାର ହୋମ ଏବଂ ୨ ତାରିଖ ମାଘ ଶୁକ୍ଳ ଶ୍ରୀପଞ୍ଚମୀ ତିଥିରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି । ଅନ୍ତିମ ଦିବସରେ ଗୀତା ଯଜ୍ଞ, ପାର୍ଶଦ ହୋମ, କୁଲ୍ୟାଦାନ, ଧ୍ୱଜାରୋହଣ, ବିଗ୍ରହ ପ୍ରତିଷ୍ଠା, ଭୋଗ, ଆରତୀ , ପୁଷ୍ପାଞ୍ଜଳୀ ସହ ପୂର୍ଣ୍ଣାହୂତୀ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ କୁଳମଣୀ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ପ୍ରତିଷ୍ଠା ମହୋତ୍ସବର ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ମହାଅନ୍ନ ଭୋଗର ବ୍ୟବସ୍ଥା କରାଯାଇଛି । ସେହିପରି ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଫେବୃୟାରୀ ୧ ତାରିଖରେ ଲୋକମଣ୍ଡପ ପଡିଆରେ ରାୟପୁର, ଟାଟାନଗର ଆଦି ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଭଜନ ସଂଧ୍ୟାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ ହିନ୍ଦୁ ଯୁବ ସଂଗଠନ ତରଫରୁ ସୂଚନା ଦିଆଯାଇଛି ।

## ସାରକୋଣା ହାଇସ୍କୁଲ ବାର୍ଷିକୋତ୍ସବରେ ନାଚଗୀତର ଆସର

ଖଇରା, ୨୮/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ହାଇସ୍କୁଲର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ଭାଗିରଥି ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟଅତିଥି ଭାବେ ସରପଞ୍ଚସୁଶାନ୍ତ କୁମାର ନାୟକ,ସମ୍ମାନନୀୟ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ନାରାୟଣ ସାହୁ,ପରିଚାଳନାକମିଟି ସଭାପତି ସୁକାନ୍ତ ଶଙ୍ଖୁଆ ଓ ପ୍ରାକ୍ତନ ସଭାପତି ଜଗବନ୍ଧୁ ନାୟକ,ୱାର୍ଡ ସଭ୍ୟ ପ୍ରଦୀପ କୁମାର ଶିଅଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ସଂସ୍କାରିତ ହେବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଶାନ୍ତ କୁମାର ଶଙ୍ଖୁଆ ଅତିଥି ପରିଚାୟ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବିଜେଡ଼ି ପକ୍ଷରୁ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ

ବାସୁଦେବପୁର, ୨୮/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିରସ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ବିରସ ଗ୍ରାମ ପଞ୍ଚାୟତ ର ସରପଞ୍ଚ ରୁଚିସ୍ମିତା ବାରିକ ଙ୍କ ବାସ ଭବନ ପରିସରରେ ଏହି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ବନ୍ଧୁ ମିଳନ ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ସମସ୍ତ ପଂଚାୟତର ଆଗାମୀ ଦିନରେ କିପରି ଭାବେ ବିକାଶ ହେବ ଓ ସମସ୍ୟା ସମାଧାନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ବରିଷ୍ଠ ନେତା ନିରଞ୍ଜନ ଦାସ, ପୁର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ପଳିତା, ରବି ନାୟକ, ବିରସ ଗ୍ରାମ ପଞ୍ଚାୟତ ର ସମିତି ସଭ୍ୟ ସଂଜୀବ କୁମାର ନାୟକ,ବିରସ ସରପଞ୍ଚ ରୁଚିଶ୍ମିତା ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ସମସ୍ତ କର୍ମୀ ଓ ନେତା ଙ୍କୁ ଅଭିନନ୍ଦନ ଜଣାଇ ଥିଲେ ଏବଂ ବନ୍ଧୁତ୍ୱ ପୂର୍ଣ୍ଣ ଆଲୋଚନା କରିଥିଲେ । କଳିଙ୍ଗ ବୀର ବିଜୁ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ପୁର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ଆଦର୍ଶ ଓ ବିଭିନ୍ନ ଜନ ହିତକର ଯୋଜନା କୁ ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଆଲୋକପାତ କରିଥିଲେ ।ଶେଷରେ ଯୁବ ନେତା ଜିତେନ୍ଦ୍ର ଦାସ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷାଶ୍ରୀ ଗୁରୁକୁଳ ବିଦ୍ୟାଳୟରେ ଅଷ୍ଟମ ବାର୍ଷିକୋତ୍ସବ

କପ୍ତିପଦା, ୨୮/୧ (ନି.ପ୍ର): କପ୍ତିପଦାସ୍ଥିତ ଶିକ୍ଷାଶ୍ରୀ ଗୁରୁକୁଳ ବିଦ୍ୟାଳୟରେ ଅଷ୍ଟ ବାର୍ଷିକୋତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀଧର ଶତପଥୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ବିଇଓ ଦୀପକ ମିଶ୍ର,ସମ୍ମାନିତ ଅତିଥିଭାବେ କ୍ରୀଡସ୍ ଅଲିମ୍ପିୟାଡ ଭୁବନେଶ୍ୱରର ସଭାପତି ଗୁରୁପ୍ରସାଦ ତ୍ରିପାଠୀ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ ନିରଂଜନ ପରିଡା,ନିମନ୍ତ୍ରିତ ଅତିଥିଭାବେ ଶିକ୍ଷକ ଗୋଲକ ଚନ୍ଦ୍ର ବେଜ୍ ତଥା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଂଧ୍ୟାରେ ସାଂସ୍କୃତକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବନ୍ଦିତା ସେନାପତି ଓ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଧନବାଦ୍ ଅର୍ପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାଇସ ପ୍ରିନସପାଲ ମମତା ଦୀକ୍ଷିତ, ବରିଷ୍ଠ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରିୟଙ୍କା ବାରିକ୍, ରେଖା କିରଣ, ପଦ୍ମିନୀ ପୁହାଣ, ବନିତା ବେହେରା, ମୀନତି ମିଶ୍ର, ସ୍ୱର୍ଣ୍ଣଲତା ଦାସ, ଜ୍ୟୋତିରେଖା ବେହେରା, ତପସ୍ୱନୀ ବେହେରା ଓ ନବଘନ ପରିଡା ପ୍ରମୁଖ ସହଯୋଗ କରିଥିଲେ ।

## ବ୍ରାହ୍ମଣ ସମିତିର ବାଉଁଶଗଡିଆ ଶାଖା କମିଟି ଗଠନ

ଖଇରା, ୨୮/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ପଞ୍ଚାୟତରେ ବ୍ରାହ୍ମଣସମିତିର ଶାଖା କମିଟି ଗଠିତ ହୋଇ ଯାଇଛି । ବୁଧବାର ଅପରାହ୍ନରେ ରମାକାନ୍ତ ଶତପଥିଙ୍କ ପୌରହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ପଞ୍ଚାୟତର ସମସ୍ତ ବ୍ରାହ୍ମଣ ପରିବାର ର ସଦସ୍ୟ ମାନେ ଯୋଗ ଦେଇଥିଲେ । ପର୍ଯ୍ୟବେକ୍ଷକ ଭାବେ ପଦ୍ମନାଭ ପଣ୍ଡା,ବିଷ୍ଣୁ ପ୍ରସାଦ ବହଳୀ,ଶ୍ୟାମସୁନ୍ଦର ପଣ୍ଡା ଓ ଦିନବନ୍ଧୁ ଦାଶ ଯୋଗ ଦେଇଥିଲେ । ସାଙ୍ଗଠନିକ ଆଲୋଚନା ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ନାରାୟଣ ପଣ୍ଡାଙ୍କୁ ସଭାପତି,ତରଣୀସେନ ପଣ୍ଡାଙ୍କୁ ଉପସଭାପତି,ସପନ କୁମାର ପଣ୍ଡାଙ୍କୁ ସାଧାରଣ ସମ୍ପାଦକ,ମାଧବ ଚରଣ ପାଣିଗ୍ରାହୀଙ୍କୁ ସହ ସମ୍ପାଦକ, ମଙ୍ଗଳଚରଣ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଓ ପୀତାମ୍ବର ପଣ୍ଡାଙ୍କୁ ସମୀକ୍ଷକ ଭାବେ ମନୋନୀତ କରାଯାଇଥିଲା ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୮/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୨୦୨୪-୨୫ବର୍ଷରେ ଭଦ୍ରକ ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା ପାଇଁ ଆନୁସଙ୍ଗିକ ପ୍ରଶାସନିକ ପ୍ରସ୍ତୁତି ନିମନ୍ତେ ଆଭାସି ଜରିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲାର ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ସଂପୃକ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଭାସି ମାଧ୍ୟମରେ ଯୋଡ଼ି ହୋଇଥିଲେ । ସୂଚନା ଯୋଗ୍ୟକି ନୂଆ ସରକାରଙ୍କ ଏହି ପ୍ରଥମ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା କାର୍ଯ୍ୟକ୍ରମରେ ରାଜ୍ୟର ୫ମ ପର୍ଯ୍ୟାୟରେ ଭଦ୍ରକରୁ ପ୍ରଥମ ଦଫାରେ ଆଗାମୀ ଫେବୃୟାରୀ ୨୬ରେ ଯାତ୍ରା ଆରମ୍ଭ କରିବେ । ଏହି ଯାତ୍ରା ପାଇଁ ଆବେଦନକାରୀଙ୍କ ମଧ୍ୟରୁ ଚୟନ ପ୍ରକିୟା ଅବଲମ୍ବନ ପୂର୍ବକ ୧୧୭ ଜଣଙ୍କ ନାମ ତାଲିକା ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି । ସେମାନଙ୍କ ମଧ୍ୟରୁ ଭଦ୍ରକ ବ୍ଲକ୍‌ରୁ ୧୯ଜଣ, ବାସୁଦେବପୁର ୭ଜଣ, ଭଣ୍ଡାରିପୋଖରୀ ରୁ ୧୧ଜଣ, ବନ୍ତ ରୁ ୩୧ଜଣ, ଚାନ୍ଦବାଲିରୁ ୫ଜଣ, ଧାମନଗରରୁ ୨୦ ଜଣ, ତିହିଡ଼ିରୁ ୨୪ଜଣ ଏହିଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଯାତ୍ରାରେ ଯିବାକୁ ଥିବା ତୀର୍ଥ ଯାତ୍ରୀମାନେ ସିରିଡ଼ି ଓ ନାସିକ ପରିଭ୍ରମଣ କରି ମାର୍ଚ୍ଚ ୪ରେ ପ୍ରତ୍ୟାବର୍ତ୍ତନ କରିବେ । ପ୍ରଶାସନିକ ବ୍ୟବସ୍ଥାରେ ତୀର୍ଥ ଯାତ୍ରୀମାନଙ୍କୁ ସେମାନଙ୍କ ଘରୁ ବ୍ଲକ ସଦର ମହକୁମାକୁ ଅଣାଯାଇ ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜିଲ୍ଲା ସଦର ମହକୁମାରେ ଦିବା ୧୦ ଘଟିକା ସୁଦ୍ଧା ସଂସ୍କୃତି ଭବନରେ ପହଞ୍ଚାଇବା ସୁବିଧା କରାଯିବ । ସେଠାରେ ମଧ୍ୟ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ମଧ୍ୟାହ୍ନ ଭୋଜନ ଆଦି ବ୍ୟାବସ୍ଥା ପରେ ବସ୍ ଯୋଗେ ବାଲେଶ୍ୱରକୁ ପଠାଯିବ । ବରେଣ୍ୟ ଅତିଥି ଭାବେ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପତାକା ପ୍ରଦର୍ଶନ ପୂର୍ବକ ଯାତ୍ରାର ଶୁଭାରମ୍ଭ କରିବେ । ତୀର୍ଥ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ ପରେ ଯାତ୍ରୀମାନଙ୍କୁ ବାଲେଶ୍ୱରୁ ଆଣି ସେମାନଙ୍କୁ ଘରେ ପହଞ୍ଚାଇବା ମଧ୍ୟ ପ୍ରଶାସନିକ ବ୍ୟବସ୍ଥାରେ ସମ୍ପାଦିତ କରାଯିବ । ପ୍ରକାଶଥାଉକି ଏପ୍ରିଲ ୧୭ ରୁ ଏପ୍ରିଲ ୨୩ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ୧୦ମ ଓ ଭଦ୍ରକ ଜିଲ୍ଲାର ୨ୟ ଦଫାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ତୀର୍ଥଯାତ୍ରାରେ ଅଯୋଧ୍ୟା ଓ ବାରାଣାସୀକୁ ଯିବାର କାର୍ଯ୍ୟକ୍ରମ ରହିଛି । ଭାରପ୍ରାପ୍ତ ସହକାରୀ ଜିଲ୍ଲାପାଳ ସଂଜୟ କୁମାର ମହାନ୍ତି ବୈଠକର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆଶୁ ଆରୋଗ୍ୟ କାମନା କଲେ ନବୀନ

ଭୁବନେଶ୍ୱର, ୨୮/୧ (ନି.ପ୍ର): ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସୋସିଆଲ ମିଡିଆରେ ନବୀନ ପଟ୍ଟନାୟକ ଲେଖିଛନ୍ତି, ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବିଷୟରେ ଅବଗତ ହେଲି । ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

## ୧୩ ତମ ଭୈରବୀ ନୋବୁଲ ଆୱାର୍ଡ଼ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୮/୧ (ନି.ପ୍ର): ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭୈରବୀ ନୋବୁଲ୍ ଫାଉଣ୍ଡେସନ ପକ୍ଷରୁ ୧୩ ତମ ଭୈରବୀ ନୋବୁଲ୍ ଆୱାର୍ଡ଼ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମନ୍ଦାରି ମହାବିଦ୍ୟାଳୟ ର ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଆଇଜି ଡ୍ରୋନସ ସି ଇ ଓ ବୋଧିସତ୍ୱ ସଂଘ ପ୍ରିୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଉପେନ୍ଦ୍ର ପ୍ରସାଦ ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ଆକୃତି କମ୍ୟୁନିକେସନ ନିର୍ଦ୍ଦେଶକ ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ନୋବୁଲ ଫାଉଣ୍ଡେସନ ପ୍ରତିଷ୍ଠାତା ଖଗେନ୍ଦ୍ର ପ୍ରସାଦ ମହାନ୍ତି ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ଗୌତମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପୁରୁଷୋତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଗତ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷା ୨୦୨୪ ରେ ଭଦ୍ରକ ଜିଲ୍ଲାର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସୂର୍ଯ୍ୟସ୍ନାତ ସ୍ୱାଇଁ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭଦ୍ରକ ୫୭୭ ନମ୍ବର ଙ୍କୁ ପଚିଶ ହଜାର ଟଙ୍କା ଏବଂ ବାସୁଦେବପୁର ବ୍ଲକ ଓ ମ୍ୟୁନିସିପାଲିଟିର ପ୍ରଥମ ଦଶଟି ସ୍ଥାନ ଅଧିକାର କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ପଚାଶ ହଜାର ଟଙ୍କା ଆର୍ଥିକ ସହଯୋଗ ରାଶି ପ୍ରଦାନ କରାଯାଇଥିଲା ଓ ମାନପତ୍ର ଦିଆ ଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବାସୁଦେବପୁର ବ୍ଲକ ଓ ମ୍ୟୁନିସିପାଲିଟିର ସର୍ବୋଚ୍ଚ ନମ୍ବର ରଖିଥିବା ୧୬ ଜଣ ଛାତ୍ର ଛାତ୍ରୀ କ୍ରୀଷ୍ଟା କୁମାରୀ ମହାରଣା, ଓମକାର ସାମଲ, ହିମାଂଶୁ ଶେଖର ମହାରଣା, ଜୟସ୍ମିତା ଜେନା, ଜୋତି ପ୍ରକାଶ ପାଲ, ଜୋତି ପ୍ରଭା ଖିଲାର, ଦିବ୍ୟ ଖଣ୍ଡେଲ ୱାଲ, ସୁମିତ୍ରା ସାହୁ, ସ୍ୱାତୀଶ୍ରୀ ସଞ୍ଚିତା ବାରିକ୍, ଅଭିଷେକ ପାଢ଼ୀ, ସୁଚିତ୍ରା ବେହେରା, ସସ୍ମିତା ବେହେରା, ସୁଶ୍ରୀ ସଂଗୀତା ପଣ୍ଡା, ଜିତ୍ ଜ୍ୟୋତିର୍ମୟ ପଣ୍ଡା, ଚିରଞ୍ଜିବ ନାୟକ ଓ ପ୍ରିୟବ୍ରତ ସାହୁ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଆଇନଜୀବୀ ପ୍ରଦୀପ ମହାନ୍ତି, ଗୋବର୍ଦ୍ଧନ ବଳ, ନାରାୟଣ ଚନ୍ଦ୍ର ନାୟକ,ମହେଶ୍ୱର ଧଳ, ମମତା ଜେନା, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଶଶାଙ୍କ ସାମଲ, ସୁବ୍ରତ ଧଳ ଓ ଅନୁଷ୍ଠାନର ବହୁ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit before the executive Magistrate Niligiri, I, the undersigned Gitishree Mohapatra, aged about 46 years, D/o- Sri Muralidhar Mohapatra permanent resident of Village/ P.O. - Shyamsundarpur, P.s. - Nilgiri, Dist- Balsore, Odisha- 756040 declare that I am the mother guardian of my minor daughter Yashmin Rout. But some reasons I have to change her name from Yashmin Rout to Yashmin Priyadarshini. My daughter will be known as for all purpose.

**Gitishree Mohapatra**

## ବିଶୁଦ୍ଧ ଜଳ ପାଉନାହାନ୍ତି କିସ୍ମତ ପଶ୍ଚିମବାର୍ଡବାସୀ



ଜଳେଶ୍ୱର , ୨୮/୧ (ନି.ପ୍ର): ଲୋକେ କିପରି ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ତାର ତଦାରଖ କରାଯାଇନାହିଁ ଜନସାଧାରଣ ଏହାଦ୍ୱାରା ଉପକୃତ ହୋଇପାରୁନାହାନ୍ତି । ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ପଶ୍ଚିମବାର୍ଡ ପଞ୍ଚାୟତ ର ୫ନଂ ୱାର୍ଡ଼ ର କିସ୍ମତପଶ୍ଚିମବାର୍ଡ ଗ୍ରାମର ବାସିନ୍ଦା ଦୀର୍ଘ ୧ ବର୍ଷ ହେବ ପିଇବା ପାଣି ପାଇବାରୁ ବଞ୍ଚି ରହିଛନ୍ତି । କୋଉଠି ପାଣି ପାଇଁ ନୂତନ ପାଇପ ପଡ଼ିଛି କିନ୍ତୁ ପାଣି ବାହାରୁ ନାହିଁ ଓଭରହେଡ୍ ପାଣି ଟାଙ୍କି ତିଆରି ହୋଇଛି କିନ୍ତୁ ଲୋକଙ୍କ ପାଖରେ ଦୀର୍ଘଦିନ ପାଣି ପହଞ୍ଚି ପାରୁନାହିଁ । ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି । ଏହି ଗ୍ରାମରେ ୩୦୦ ଲୋକେ ବସବାସ କରନ୍ତି । କିନ୍ତୁ ଲୋକେ ପାଣି ନ ପାଇ ନଦୀ , ଟ୍ୟୁବୱେଲ ଉପରେ ଭରସା କରୁଛନ୍ତି । ଆଗକୁ ଗ୍ରୀଷ୍ମ ଋତୁ ଆରମ୍ଭ ହେବାକୁ ଯାଉଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ କୁ ଆଖି ଆଗରେ ରଖି ପାଇଁ ଲୋକଙ୍କର ପାଣିର ଚାହିଦା ମଧ୍ୟ ବଢ଼ିଯିବ । ତେଣୁ ଏନେଇ ଗ୍ରାମବାସୀ ରବିନ୍ଦ୍ର ଦଳେଇ, ପୂର୍ବତନ ପଂଚାୟତ ସଦସ୍ୟ ସୁଧୀର ପ୍ରଧାନ, ଲକ୍ଷ୍ମୀଧର ଗିରି, ସୁଷମା ଦଳେଇ,ମିନତି ରାଉତ୍, ବୁଦ୍ଧିମତୀ ରାଉଳ, ମଡ଼ିଆ ରାଉତ୍, ଗୀତାଞ୍ଜଳି ରାଉତ୍, ସନ୍ଧ୍ୟାରଣି ଦାସ୍, ରେବତୀ ରାଉଳ, ସାରଦା ରାଉଳ ପ୍ରମୁଖ ଅଭିଯୋଗ କରିଛନ୍ତି । ପାନୀୟ ସୁବିଧା ସହିତ ଖୁବ୍‌ଶୀଘ୍ର ଓଭରହେଡ୍ ପାଣି ଟାଙ୍କି କାର୍ଯ୍ୟକ୍ଷମ ନ ହେଲେ ପାଣି କାର୍ଯ୍ୟାଳୟ ଆଗରେ ରେ ଧାରଣା ବସିବା ସହିତ ଅଚଳ କରାଯିବ ଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛ ଇଛନ୍ତି । ଏନେଇ ବିଭାଗୀୟ ଅଧିକାରୀ ନିତ୍ୟାନନ୍ଦ ସିଂଙ୍କୁ ପଚାରିବାରୁ ସେ କହିଥିଲେ ଯେ ମୁଁ ସେଇ ଗାଁକୁ ଯାଇ ଫିଲ୍ଡ ପରିଦର୍ଶନ କରିବି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋଦୀଙ୍କ ଗ୍ୟାରେଣ୍ଟି ...

ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି ଓ ଗ୍ୟାରେଣ୍ଟିର ତାକତରେ ଓଡ଼ିଶା ପାଇଁ ଖୋଲିଛି ସମ୍ଭାବନାର ନୂଆ ଦ୍ୱାର । ଦୁଇ ଦିନିଆ କନକ୍ଲେଭ୍ ଉଦ୍ଘାଟନର ଇଏ ସେଇ ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ । ପ୍ରଧାନମନ୍ତ୍ରୀଙ୍କ ବିଧିବଦ୍ଧ ଶୁଭାରମ୍ଭ କାର୍ଯ୍ୟକ୍ରମ ପରେ ବିଭିନ୍ନ ଶିଳ୍ପ ସଂସ୍ଥା ଓ କଂପାନିର ସିଇଓମାନଙ୍କ ସହ ରାଉଣ୍ଡଟେବୁଲ ବୈଠକ କରିଥିଲେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ । ଓଡ଼ିଶାରେ ଶିଳ୍ପ ଅନୁକୂଳ ଭିତ୍ତିଭୂମି ଓ ଶିଳ୍ପନୀତି ବାବଦରେ ଏମାନଙ୍କୁ ଗୋଟି ଗୋଟି କରି ଅବଗତ କରାଇବା ସହ ପ୍ରକଳ୍ପକୁ ବାସ୍ତବତାର ରୂପ ଦେବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ ।ତା ପରେ ଆରମ୍ଭ ସେ ଭିତରୁ ୨ ଲକ୍ଷ ୨୭କୋଟିର ସବୁଠୁ ବଡ ଗଡଂଟ ସ୍ୱାକ୍ଷର ହୋଇଛି ଆଦାନୀ ଗ୍ରୁପ ସହ । ସେହିପରି କେନ୍ଦୁଝରରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପାଇଁ ୩୦ ରୁ ୪୦ ହଜାର କୋଟିର ପୁଞ୍ଜି ନିବେଶ ପାଇଁ ଔଝଡ ଗ୍ରୁପ ସହ ଗଡଂଟ ହୋଇଛି । ଅପରପକ୍ଷେ କପର ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ବିର୍ଲା ଗ୍ରୁପ୍ ସହ ଏମଓୟୁ ସ୍ୱାକ୍ଷର ହୋଇଥିଲା ବେଳେ ରାୟଗଡ଼ାରେ ଆଲୁମିନିୟମ୍ ହୋଇଯାଇଥିଲା ଆଗ୍ରହ ଓ ପ୍ରତିଶ୍ରୁତିର ସୁଅ । ଶିଳ୍ପ ସଚିବଙ୍କ ସୂଚନା ଅନୁଯାୟୀ, ପ୍ରଥମ ଦିନରେ ହିଁ ବିଭିନ୍ନ କ୍ଷେତ୍ରରେ ଶିଳ୍ପସଂସ୍ଥା ସହ ସ୍ୱାକ୍ଷର ହୋଇଛି ୫୪ଟି ବୁଝାମଣାପତ୍ର । ଏହା ଜରିଆରେ ରାଜ୍ୟକୁ ଆସିବ ସାଢ଼େ ଚାରି ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ । ସେ ଭିତରୁ ୨ ଲକ୍ଷ ୨୭କୋଟିର ସବୁଠୁ ବଡ ଗଡଂଟ ସ୍ୱାକ୍ଷର ହୋଇଛି ଆଦାନୀ ଗ୍ରୁପ ସହ । ସେହିପରି କେନ୍ଦୁଝରରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପାଇଁ ୩୦ ରୁ ୪୦ ହଜାର କୋଟିର ପୁଞ୍ଜି ନିବେଶ ପାଇଁ ଔଝଡ ଗ୍ରୁପ ସହ ଗଡଂଟ ହୋଇଛି । ଅପରପକ୍ଷେ କପର ଫଏଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ବିର୍ଲା ଗ୍ରୁପ୍ ସହ ଏମଓୟୁ ସ୍ୱାକ୍ଷର ହୋଇଥିଲା ବେଳେ ରାୟଗଡ଼ାରେ ଆଲୁମିନିୟମ୍ ପ୍ଲାଣ୍ଟ ପାଇଁ ଲକ୍ଷେ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଦେଇଛି ବେଦାନ୍ତ । ସେହିପରି ଓଡ଼ିଶାରେ ଆଲୁମିନିୟମ୍ ରିଫାଇନାରୀ ଓ ଆଲୁମିନିୟମ୍ ସ୍ମେଲଟର ପ୍ଲାଣ୍ଟ କରିବାକୁ ଆଦିତ୍ୟ ବିର୍ଲା ଗ୍ରୁପ୍ ୫୦ ହଜାର କୋଟି ନିବେଶ ଲାଗି ନିଷ୍ପତ୍ତି ନେଇଥିଲା ବେଳେ ପେଟ୍ରୋକିମିକାଲ୍ସ କ୍ଷେତ୍ରରେ ଭଦ୍ରକ ଓ ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ୭୦ ହଜାର କୋଟିର ପୁଞ୍ଜି ନିବେଶ ଆଗ୍ରହ ଦେଖାଇଛି । ଏସବୁ ସହ ଆଜି ଗୋଟିଏ ଦିନରେ ୧୦୦ରୁ ଅଧିକ ନୂଆ ପୁଞ୍ଜିନିବେଶ ଆଗ୍ରହ ପାଇଥିବା ନେଇଛି ଶିଳ୍ପ ବିଭାଗ । ମୁଖ୍ୟମନ୍ତ୍ରୀ କହିଛନ୍ତି ଆଗାମୀ ଦିନରେ ଓଡ଼ିଶା ଶିଳ୍ପର ହବ୍ ହେବାକୁ ଯାଉଛି । ଆସନ୍ତାକାଲି ଉତ୍କର୍ଷ ଓଡ଼ିଶାର ଦ୍ୱିତୀୟ ଦିନରେ ୧୦ଟି ଶିଳ୍ପ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଅଧିବେଶନ ହେବାର ଅଛି । ଯେଉଁଥିରୁ ରାଜ୍ୟକୁ ବିପୁଳ ମାତ୍ରାରେ ପୁଞ୍ଜିନିବେଶ ନେଇ ପ୍ରସ୍ତାବ ଆସିବାର ଆସିବାର ଆଶା ରଖିଛନ୍ତି ସରକାର ।

### ଶ୍ରୀମନ୍ଦିର ନୀଳଚକ୍ର ...

ଅନ୍ୟପକ୍ଷରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ୍ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି । ଯିଏ ଏପରି କାର୍ଯ୍ୟ କରିଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାରୁ ପ୍ରକାଶ ଗତ ୫ ତାରିଖ ଭୋର ୪.୧୦ ମିନିଟ୍ ସମୟରେ ଏକ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡିଥିଲା । ଡ୍ରୋନ୍‌ଟି ଦୀର୍ଘ ସମୟ ଧରି ଶ୍ରୀମନ୍ଦିର ପତିତପାବନ, ମେଘନାଦ ପାଚେରୀ ଉପରେ ଉଡିଥିଲା । ପରେ ଶ୍ରୀ ସେତୁ ଦେଇ ପଳାଇ ଯାଇଥିଲା । କିଏ ସେହି ଡ୍ରୋନ୍ ଉଡାଉଥିଲା, ତାହା ଆଜି ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଡ୍ରୋନ୍ ଉଡାଉଥିବା ବ୍ୟକ୍ତିଙ୍କୁ ଧରିପାରିଲା ନାହିଁ ପୋଲିସ୍ । ଏଥିସହ ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ସମ୍ପର୍କରେ ପତ୍ତା ପାଇଲାନି ପୋଲିସ୍ । ବାରମ୍ବାର ଏମିତି ଡ୍ରୋନ୍ ଉଡିବାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

### ରାମରହିମଙ୍କୁ ବାରମ୍ବାର ...

ସଚ୍ଚାର ଶହ ଶହ ସମର୍ଥକ ଅଛନ୍ତି ଓ ରାମ ରହିମ ମଧ୍ୟ ବିଜେପି ସମର୍ଥକ । ବିରୋଧୀଙ୍କ ଅଭିଯୋଗ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଦୋଷୀକୁ ପାରୋଲରେ ବାହାରକୁ ଆଣିଛି ବିଜେପି ।ଏତତ ଦ୍ୱାରା ବିଜେପିକୁ ଭୋଟ ପାଇବରେ ରାମରହିମଙ୍କ ବଡ ଭୂମିକା ରହିପାରେ । ୨୦୨୦ ଅକ୍ଟୋବର ୨୦, ୨୦୨୧ ମେ ୧୨, ମେ ୧୭, ଜୁନ ୩ ଜୁନ ୮, ଜୁଲାଇ ୧୩, ୨୦୨୨ ଫେବ୍ରୁଆରୀରେ ୨୧ ଦିନ, ଜୁନରେ ୩୦ ଦିନ,ଅକ୍ଟୋବରରେ ୨୧ଦିନ, ୨୦୨୩ ଜାନୁଆରୀ ୨୧ରେ ୪୦ଦିନ, ୨୦ ଜୁଲାଇରେ ୩୦ଦିନ, ନଭେମ୍ବର ୨୦ରେ ୩୦ଦିନ, ୨୦୨୪ ଜାନୁଆରୀ ୧୯ରେ ୫୦ଦିନ, ଅଗଷ୍ଟ ୧୨ରେ ୨୧ଦିନ, ଅକ୍ଟୋବର ୧ରେ ୨୦ଦିନ,୨୦୨୫ ଫେବ୍ରୁଆରୀ ୨୭ରେ ୨୦ଦିନ ପାରୋଲ ମିଳିଛି ।

### ଫେବ୍ରୁଆରିରେ ହେବ...

କଥାବାର୍ତ୍ତା ହୋଇଥିଲା, ଯେଉଁଥିରେ ଏହି ଗସ୍ତ ସ୍ଥିର ହୋଇଥିଲା । ଗତବର୍ଷ ସେପ୍ଟେମ୍ବର ମାସରେ ମୋଦୀଙ୍କ ଆମେରିକା ଗସ୍ତ ପରେ ତାଙ୍କର ଏହି ଆମେରିକା ଗସ୍ତ ହେବ । ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେଲିଫୋନ ଆଲୋଚନା କରିଥିଲେ । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଭାରତ-ଆମେରିକା ରଣନୈତିକ ଭାଗିଦାରୀକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଛନ୍ତି । ଉଭୟ ନେତା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ୱାଡ୍ ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଭାରତ ଚଳିତ ବର୍ଷ ପ୍ରଥମ ଥର ପାଇଁ କ୍ୱାଡ୍ ନେତାଙ୍କୁ ଆୟୋଜନ କରିଥିଲା ।

### ଗ୍ରାମରକ୍ଷୀଙ୍କୁ ରାସନ...

ନାହିଁ ରାସନ କାର୍ଡ । ସେଥିପାଇଁ ଗ୍ରାମରକ୍ଷୀଙ୍କ ରାସନ କାର୍ଡ ରଦ୍ଦ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା । ଆଉ ଏହା ବିରୋଧରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଲାଣି ରାଜ୍ୟ ଗ୍ରାମରକ୍ଷୀ ସଂଘ । କଟକ ଜିଲ୍ଲା ମାହାଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ସ୍ଥାନୀୟ ଅଞ୍ଚଳର ଉର୍ମିଳାଙ୍କୁ ଆସିଛି ଏକ ନୋଟିସ । ଉର୍ମିଳା ମଲ୍ଲିକଙ୍କ ସ୍ୱାମୀ ଗ୍ରାମରକ୍ଷୀ ଭାବେ କାମ କରୁଛନ୍ତି । କାହିଁକି ତାଙ୍କ ରାସନ କାର୍ଡ ରଦ୍ଦ କରାଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି ମଣ୍ଡଳ ଉନ୍ନୟନ ଅଧିକାରୀ । ସରକାରଙ୍କ ଏଭଳି ନୋଟିସ ବିରୋଧରେ ବଢ଼ିଲାଣି ସ୍ୱର । ମାତ୍ର ୧୮୦୦ ଟଙ୍କା ଭତ୍ତା ଦେଇ ସରକାରୀ ଚାକିରିଆ କିଭଳି କହୁଛ ବୋଲି ଅନେକ ପ୍ରଶ୍ନ କଲେଣି । ରାଜ୍ୟରେ ୧୮ ହଜାର ୪୧୪ ଜଣ ଗ୍ରାମରକ୍ଷୀ ବିଭିନ୍ନ ଗାଁରେ ନିୟୋଜିତ ଅଛନ୍ତି । ଏହି ପରିବାର ପୂର୍ବ ସରକାର ସମୟରେ ରାସନ ପାଉଥିଲେ । କିନ୍ତୁ ସରକାର ବଦଳିବା ପରେ ବଦଳିବାକୁ ବସିଛି ନିଷ୍ପତ୍ତି ।

### ଭାରତୀୟ ମତ୍ସ୍ୟଜୀବୀଙ୍କ ...

ଗୁଳି ଚାଳନା ସମ୍ପର୍କରେ ସୂଚନା ମିଳିଥିଲା । ପ୍ରକାଶିତ ବିବୃତି ଅନୁଯାୟୀ, ମତ୍ସ୍ୟଜୀବୀଙ୍କ ଏକ ଦଳ ପାରୁଥି ଥୁରାଇ ନିକଟରେ ମାଛ ଧରୁଥିଲେ । ଏହି ସମୟ ମଧ୍ୟରେ ଶ୍ରୀଲଙ୍କା ନୌସେନାର ପାଟ୍ରୋଲିଂ ଡଙ୍ଗା ଏହାକୁ ଘେରି ରହିଥିଲା । ନୌସେନା ମତ୍ସ୍ୟଜୀବୀମାନେ ଶ୍ରୀଲଙ୍କାର ଅନ୍ତର୍ଜାତୀୟ ଜଳସୀମାକୁ ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି । ଗୋଟିଏ ଡଙ୍ଗା ସହିତ ତେର ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିଲା । ଯେତେବେଳେ ମତ୍ସ୍ୟଜୀବୀମାନେ ଡଙ୍ଗାକୁ ତାମିଲନାଡୁ ଆଡକୁ ନେବାକୁ ଚେଷ୍ଟା କରିଥିଲେ, ସେତେବେଳେ ଶ୍ରୀଲଙ୍କା ନେ ?ସେନା ଗୁଳି ଚଳାଇଥିଲା । ଏହି ଗୁଳି ବିନିମୟ ସମୟରେ ଶ୍ରୀଲଙ୍କାର ନେ ?ସେନା ଅଧିକାରୀ ମଧ୍ୟ ଡଙ୍ଗାରେ ଥିଲେ । ଜଣେ ମତ୍ସ୍ୟଜୀବୀଙ୍କ ଗୋଡ଼ରେ ଗୁଳି ବାଜିଥିବା କୁହାଯାଉଛି । ଗିରଫ ମତ୍ସ୍ୟଜୀବୀମାନଙ୍କୁ କଙ୍ଗେସନ୍ତୁରାଇ ପୁଲିସକୁ ହସ୍ତାନ୍ତର କରାଯାଇଥିଲା । ମତ୍ସ୍ୟଜୀବୀ ଡଙ୍ଗାରେ ଥିବା ୧୩ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ବର୍ତ୍ତମାନ ଜାଫନା ଟିଚିଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ବୈ ?ଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି । ସାମାନ୍ୟ ଆହତ ମତ୍ସ୍ୟଜୀବୀମାନେ ଅନ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ସମୟରେ, ଜାଫନାରେ ଥିବା ଭାରତୀୟ କନସୁଲେଟର ଅଧିକାରୀମାନେ ଆହତ ମତ୍ସ୍ୟଜୀବୀଙ୍କୁ ଭେଟି ସେମାନଙ୍କୁ ସମସ୍ତ ସାହାଯ୍ୟର ଆଶ୍ୱାସନା ଦେଇଛନ୍ତି ।

### ପୂର୍ବତନ ରାଜ୍ୟପାଳ ...

୧୯୭୫ ମସିହାରେ ସେ ମିସା ଆଇନରେ ଗିରଫ ହୋଇ ଜେଲ ମଧ୍ୟ ଯାଇଥିଲେ । ସେ ୧୯୮୦ରୁ ୧୯୮୮ ମସିହା ପର୍ଯ୍ୟନ୍ତ ବିଜେପିର ରାଜ୍ୟ ସଭାପତି ହୋଇଥିଲେ । ପରେ ସେ ବିଜେପି ଛାଡ଼ି ଜନତା ପାର୍ଟିରେ ସାମିଲ ହୋଇଥିଲେ ମଧ୍ୟ ପୁଣିଥରେ ୧୯୯୬ ଏପ୍ରିଲ ମାସରେ ବିଜେପିକୁ ଫେରିଥିଲେ । ସେବେଠୁ ସେ ରାଜ୍ୟ ବିଜେପିର ବରିଷ୍ଠ ନେତା ଭାବେ ପରିଗଣିତ ହେଉଛନ୍ତି । ସେ ଚିଲିକା ଏବଂ ଭୁବନେଶ୍ୱରରୁ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେ ୨ ଥର ଜନତା ଦଳରୁ ଏବଂ ୩ ଥର ବିଜେପିରୁ ନିର୍ବାଚିତ ହୋଇଛନ୍ତି । ଏହି ବରିଷ୍ଠ ବିଜେପି ନେତା ୨୦୦୪ ମସିହାରେ ବିଜେପି-ବିଜେଡି ମେଣ୍ଟ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ ।

### 'ଏନ୍‌ପିସିଆଇଜନିତ ସମସ୍ୟା...

ପଅରଦିନ (୨୦୨୫ ଜାନୁଆରି ୨୯ ଓ ୩୦)ରେ ଏନ୍‌ପିସିଆଇଜନିତ ତ୍ରୁଟି ଥିବା ମହିଳମାନେ ବ୍ୟାଙ୍କକୁ ଯାଆନ୍ତୁ । ଏହି ଦୁଇଦିନ ବ୍ୟାଙ୍କର କର୍ମଚାରୀମାନେ ସୁଭଦ୍ରା ପାଇଁ ଯାଇଥିବା ମହିଳାମାନଙ୍କର କାମକୁ ଗୁରୁତ୍ୱ ଦେବେ । ଯେଉଁମାନଙ୍କୁ ବ୍ୟାଙ୍କ ସମସ୍ୟା ପାଇଁ କଲ୍ ଆସିଛି ସେମାନେ କେବଳ ଯାଆନ୍ତୁ । ସୁଭଦ୍ରା ଯୋଜନାରେ ରାଜ୍ୟର ଏକ କୋଟିରୁ ଅଧିକ ମା'ଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏ ପାଞ୍ଚବର୍ଷ ପାଇଁ ପ୍ରଦାନ କରିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜି ସୁଦ୍ଧା ୮୦ ଲକ୍ଷରୁ ଅଧିକ ମହିଳା ହିତାଧିକାରୀ ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି । ଅବଶିଷ୍ଟ ଯୋଗ୍ୟ ମହିଳା ହିତାଧିକାରୀ ଆସନ୍ତା କିଛି ଦିନ ମଧ୍ୟରେ ଟଙ୍କା ପାଇଯିବେ । ମାର୍ଚ୍ଚ ୮ ତାରିଖ, ମହିଳା ଦିବସ ଅବସରରେ ମହିଳାମାନଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ଦିଆଯିବ । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବଡ଼ ଯୋଜନା 'ସୁଭଦ୍ରା' ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିଲା । ଏହି ଯୋଜନାରେ ସରକାର ହିତାଧିକାରୀମାନଙ୍କୁ ବାର୍ଷିକ ୧୦୦୦୦ ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ରାଶି ୨ଟି କିସ୍ତିରେ ଦେବେ । ପ୍ରଥମ କିସ୍ତିରେ ସରକାର ଏପର୍ଯ୍ୟନ୍ତ ୩ଟି ପର୍ଯ୍ୟାରେ ୮୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ଦେଇସାରିଛନ୍ତି । ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତିର ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିସାରିଛନ୍ତି ।

# ବୀଣାପାଣି ଶିଶୁ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ

ବସ୍ତା, ୨୮/୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ସ୍ଥିତ ବୀଣାପାଣି ଶିଶୁ ମନ୍ଦିର ରେ ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିକ୍ରମ କେଶୋରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଉତ୍କଳ ଶିକ୍ଷା ପରିଷଦ ଓଡ଼ିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାସ , ସମ୍ମାନିତ ଅତିଥି ହଳଦୀପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ସମ୍ପାଦକ କ୍ଷୀତିସ କୁମାର ଜେନା ଓ ଅନୁଷ୍ଠାନ ର ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ ଯୋଗ ଦେଇ ଶୃଙ୍ଖଳିତ ଆଚରଣ ବିଦ୍ୟାର୍ଥୀ ଙ୍କୁ ଜୀବନରେ ମହାନ୍ କରି ତୋଳିଥାଏ । ଶିକ୍ଷା ପ୍ରତି ସମର୍ପଣ ଭାବ ଏବଂ ମହତ୍ ଲକ୍ଷ୍ୟ ରଖିବା ଦିଗରେ ଛାତ୍ର ଛାତ୍ରୀ ମାନେ ନିଜର ପ୍ରୟାସ ଜାରି ରଖିବାକୁ କହିଥିଲେ । ମୁଖ୍ୟ ବକ୍ତା ରଘୁନାଥ ହାଇସ୍କୁଲ, ରାଇକମା ର ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ଜେନା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ ସହ ଶିକ୍ଷା ରେ ଅଧ୍ୟବସାୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଜଣେ ବଡ ମଣିଷ ହେବା ଆଗରୁ ଜଣେ ଭଲ ମଣିଷ ହେବା ପାଇଁ ନିଜର ଅଭିଭାଷଣ ରେ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା ସମିତି ସଦସ୍ୟ ଭିକାରୀ ଚରଣ ମିସ୍ତ୍ରୀ ସ୍ୱାଗତ ଅଭିଭାଷଣ ରଖିଥିଲେ । ସଦସ୍ୟ ସୁଧାକର ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁମା ଯାଜ୍ଞସେନି ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସର ରେ ବରିଷ୍ଠ ସଂସ୍କୃତ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ଙ୍କୁ ଅନୁଷ୍ଠାନ ତରଫରୁ ଶିକ୍ଷକ ଗୌରବ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଶେଷରେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷାରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗୁରୁମା ସବିତା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ସୁଚାରୁ ରୁପେ ସମ୍ପାଦନ କରିଥିଲେ ।

# ସର୍ବଭାରତୀୟ ସମ୍ମିଳନୀରେ ଜିଲ୍ଲା ରକ୍ତଦାତା ସଂଘର ପ୍ରତିନିଧିତ୍ୱ




ବାଲେଶ୍ୱର, ୨୮/୧ (ନି.ପ୍ର): ରକ୍ତଦାନକୁ ଅଧିକରୁ ଅଧିକ କ୍ରିୟାଶୀଳ ଓ ଏ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନ ସମେତ ଭିନ୍ନ ଭିନ୍ନ ରାଜ୍ୟର ସମସ୍ୟା ଓ ନିୟମ ବିଷୟରେ ଆଲୋଚନା ଓ ସମାଧାନ ପାଇଁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମିତ୍ତ ସର୍ବଭାରତୀୟ ସମ୍ମିଳନୀ ଚଳିତ ମାସ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଦୀଘା ଠାରେ ଅନୁଷ୍ଠିତ ହୋଇଯାଇଅଛି । ରକ୍ତଦାନକୁ ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ଖସଡ଼ା ପ୍ରସ୍ତୁତ କରାଯିବ ଯେମିତି କେହି ରକ୍ତ ବିନା ମୃତ୍ୟୁ ମୁଖରେ ପଡ଼ିବେ ନାହିଁ । 'ହର ଘର ରକ୍ତଦାତା' ସ୍ଲୋଗାନ ସାରା ଦେଶର ଗ୍ରାମାଞ୍ଚଳରେ ପହଞ୍ଚାଇବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଗଲା । ଆମ ଦେଶରେ ସମୁଦାୟ ୪୨୩୧ ରକ୍ତ କେନ୍ଦ୍ର କାର୍ଯ୍ୟକ୍ଷମ ଥିବା ବେଳେ ସେଥିମଧ୍ୟରୁ ୨୯୬୦ ଟି ବେସରକାରୀ ରକ୍ତ କେନ୍ଦ୍ର ଅଟେ । ସାରା ଦେଶରେ ୧୬୦ ଲକ୍ଷ ୟୁନିଟ ରକ୍ତର ଆବଶ୍ୟକତା ଥିବା ବେଳେ ମାତ୍ର ୭୦ ଶତକଡା ସ୍ୱେଚ୍ଛା ରକ୍ତଦାତାଙ୍କ ଠାରୁ ମିଳିଥାଏ । ଜାତୀୟ ସ୍ତରରେ ପ୍ରତି ୧୦୦୦ ଲୋକରେ ୧୦ ଜଣ ରକ୍ତ ଦେଉଥିବାର ହିସାବ ରହିଥିବା ବେଳେ ଓଡିଶା ବହୁ ପଛରେ ଅଛି ଯାହାକି ଓଡ଼ିଶାରେ ପ୍ରତି ୧୦୦୦ ଲୋକରେ ମାତ୍ର ୫ ଜଣ ରକ୍ତ ଦେଇଥାନ୍ତି । ଯଦି ୧୦୦୦ ଜନସଂଖ୍ୟାରେ ମାତ୍ର ୧୧ ଜଣ ରକ୍ତଦାନ କରିବେ ତେବେ ରକ୍ତର ଅଭାବ ରହିବ ନାହିଁ । ଆନ୍ତର୍ଜାତିକ ସ୍ତରରେ ୮୦୦ କୋଟି ଲୋକଙ୍କ ପାଇଁ ୧୫ କୋଟି ୟୁନିଟ ରକ୍ତର ଆବଶ୍ୟକତା ଥିବା ବେଳେ ସ୍ୱେଚ୍ଛା ରକ୍ତଦାତାଙ୍କ ଠାରୁ ମିଳିଥାଏ ମାତ୍ର ୧୨ କୋଟି । ବିଶ୍ୱରେ ଏପର୍ଯ୍ୟନ୍ତ ୬୨ ଟି ? ଦେଶ ଶହେ ଶତକଡା ସ୍ୱେଚ୍ଛା ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିପାରିଛନ୍ତି । ମାତ୍ର ଭାରତ ୭୦ ଶତକଡା ସ୍ୱେଚ୍ଛା ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିବାରେ ସକ୍ଷମ ହୋଇପାରିଛି । ଏଣୁ କେମିତି ଅଧିକରୁ ଅଧିକ ରକ୍ତଦାତା ସୃଷ୍ଟି କରି ହେବ ସେ ବିଷୟରେ ବହୁ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରାଗଲା । ବିଶେଷ କରି ପ୍ରତିବର୍ଷ ଭାରତରେ ମେଟ୍ରିକ୍ ପରୀକ୍ଷା ଦେଉଥିବା ୨ କୋଟି ପିଲାଙ୍କୁ ବିଦ୍ୟାଳୟରେ ସଚେତନ କରିବା ଜରୁରୀ ଫଳତଃ ସେମାନେ ଦିନେ ରକ୍ତଦାତା ହେବେ । ଏ ସବୁ ସତ୍ତ୍ୱେ ରକ୍ତ କେନ୍ଦ୍ର ଗୁଡ଼ିକରେ ଯେଉଁ ସବୁ ସମସ୍ୟା ଅଛି ତାକୁ ସର୍ବଭାରତୀୟ ନୀତି ଓ ୧୯୯୫ ରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଗଲା । ଏ ଦୃଷ୍ଟିକୋଣରୁ ବାଲେଶ୍ୱର ଜିଲ୍ଲା ନିଶ୍ଚିତ ଆଗୁଆ, ତଥାପି ଏହାକୁ ବଜାଇ ରଖିବାକୁ ସମସ୍ତଙ୍କର ଅଧିକ ସହଯୋଗର ଆବଶ୍ୟକତା ଅଛି । ଏହି ତିନି ଦିନିଆ ଜାତୀୟ ସମ୍ମିଳନୀରେ ଓଡିଶା ରକ୍ତଦାତା ମହାସଂଘର ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ଇଂ. ଡ଼. ହୃଷୀକେଶ ସାହୁ, ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି ଶ୍ରୀ କମଳ ଚକ୍ରବର୍ତ୍ତୀ, ସହ-ସଂପାଦକ (ସଂଗଠନ) ଶ୍ରୀ ମନୋରଞ୍ଜନ ଦାସ, ଆଜୀବନ ସଦସ୍ୟ ଶ୍ରୀ କୁମାର କୃଷ୍ଣ କର, ଶ୍ରୀମତୀ କଳ୍ପିତା ରାଣୀ ସାହୁ ଯୋଗ ଦେଇଥିଲେ ।

## ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଅଛି ସେଥିପାଇଁ ଡବଲ ଇନଭେଷ୍ଟ ହେବ- ନବୀନ ଜିନ୍ଦଲ

ଭୁବନେଶ୍ୱର, ୨୮/୧ (ନି.ପ୍ର): ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଅଛି ସେଥିପାଇଁ ଡବଲ ଇନଭେଷ୍ଟ ହେବ ବୋଲି ଜେଏସପିଏଲ ମୁଖ୍ୟ ନବୀନ ଜିନ୍ଦଲ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଉତ୍କର୍ଷ ଓଡ଼ିଶା ପାଇଁ ଓଡ଼ିଶାକୁ ଇନଭେଷ୍ଟର ଆସିବେ, ପୁଞ୍ଜି ନିବେଶ ହେବ । ଇନଭେଷ୍ଟର ଓଡ଼ିଶା ଆସିବେ, ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଅଛି ସେଥିପାଇଁ ଡବଲ ଇନଭେଷ୍ଟ ହେବ । ବହୁତ ବିକାଶ ହେବ, ଯୁବ ଉଦ୍ୟୋଗୀ ସୃଷ୍ଟି ହେବେ । ରୋଜଗାର ସହ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ । ଆଗାମୀ ୫ ବର୍ଷରେ ବିକଶିତ ଭରତ ବନିବା ପାଇଁ ଓଡ଼ିଶା ଆଗେଇବ । ଆଗାମୀ ୧ ବର୍ଷ ଭିତରେ ଜିନ୍ଦଲ ଗ୍ରୁପ ୬ ମିଲିୟନ ଉତ୍ପାଦନ ପ୍ଲାଂଟର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଆଗକୁ ଏହା ୧୨ ମିଲିୟନ ଟନ କ୍ଷମତା ବିଶିଷ୍ଟ ପ୍ଲାଂଟ ବନିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ନବୀନ ଜିନ୍ଦଲ ।

# ନିଖିଳ ଓଡ଼ିଶା ଜୀବିକାମିଶନ ଇସି ସଂଘ ନୀଳଗିରି ପକ୍ଷରୁ ମିଶନଶକ୍ତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



ନୀଳଗିରି , ୨୮/୧ (ନି.ପ୍ର): ଜୀବିକାମିଶନ ଓ ମିଶନଶକ୍ତିର ତୃଣମୂଳ ସ୍ତରରେ ଥିବା ଇସି ସଦସ୍ୟଙ୍କ ରିଷ୍ଟ୍ରକ୍ଚରିଂ ବନ୍ଦକରିବା ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ନିଖିଳଓଡ଼ିଶା ଜୀବିକାମିଶନ ଇସି ସଂଘ ନୀଳଗିରି ପକ୍ଷରୁ ମଙ୍ଗଳବାର ଶହଶହ ଇସି ସଂଘର ମହିଳାକର୍ମୀ ନୀଳଗିରି ବିଡ଼ିଓଙ୍କୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ , ମିଶନଶକ୍ତି ଓ ପର୍ଯ୍ୟଟନବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଇସିସଂଘର ବ୍ଲକ୍ ସଭାପତି ସରସ୍ୱତୀ ପାତ୍ରଙ୍କ ନେତୃତ୍ୱରେ ପ୍ରତିପଞ୍ଚାୟତର ଇସି ମାନେ ଏକ ପ୍ରତିବାଦ ପଦଯାତ୍ରାରେ ବାହାରି ନୀଳଗିରି ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ସୂଚନା ଅନୁଯାୟୀ ଏନଆରଏଲ୍ଏମ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତଜିଲ୍ଲାର ସିଏଲଏଫ୍ ଓ ଜିପିଏଲଏଫ ସ୍ତରରେ ରିଷ୍ଟ୍ରକ୍ଚରିଂ କରିବାପାଇଁ ନିର୍ଦ୍ଦେଶଥିବାରୁ ରାଜ୍ୟର ସମସ୍ତ ଇସି ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନଆରଏଲଏମ ଗାଇଡ ଲାଇନ ଅନୁଯାୟୀ ପ୍ରତି ୨ବର୍ଷରେ ଥରେ ଓଏଲଏମ ମାଧ୍ୟମରେ ରିଷ୍ଟକଚରିଂ କରାଯିବା କଥା । ମାତ୍ର ୧୦ବର୍ଷ ଧରି ଜିପିଏଲ୍ଏଫର ସମସ୍ତ କାର୍ଯ୍ୟ ଇସି ମାନଙ୍କୁ ବିନାପାରିଶ୍ରମିକରେ କାର୍ଯ୍ୟ କରାଯାଉଛି । ଜିପିଏଲଏଫର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ଇସି ମାନଙ୍କୁ ଋଣରେ ସ୍କୁଟି ପ୍ରଦାନ କରାଯାଇଛି । ରିଷ୍ଟ୍ରକ୍ଚରିଂ କରାଗଲେ ସ୍କୁଟି ଋଣ ଶୁଝିପାରିବେ ନାହିଁ । ଏତଦଭିନ୍ନ ୪ମାସ ଧରି ସମସ୍ତଖର୍ଚ୍ଚ ବାବଦକୁ ସେମାନଙ୍କୁ ଟଙ୍କା ଦିଆଯାଇନାହିଁ । ଏଭଳି ଅନେକ ସମସ୍ୟା ଦେଖାଦେଇଥିବା ବେଳେ ରିଷ୍ଟ୍ରକଚରିଂ ପ୍ରତ୍ୟାହାର ସହିତ ମିଶନଶକ୍ତିର ଇସି ସଦସ୍ୟମାନଙ୍କୁ ସ୍ଥାୟୀନିଯୁକ୍ତି ପ୍ରଦାନ, ଭାରତୀୟ ଶ୍ରମ ସମ୍ମିଳନୀ ପ୍ରସ୍ତାବନା ଭିତ୍ତିରେ ୱାର୍କ୍ସ ମାନ୍ୟତାର ସୁପାରିସକୁ କାର୍ଯ୍ୟକାରୀ କରିବା, ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକଙ୍କ ମଜୁରୀ ହାରରେ ପ୍ରଦାନ କରିବା, ଜିପିଏଲଏଫ ଇସି ମୁଣ୍ଡପିଛା ଭତ୍ତା ପ୍ରଦାନ କରିବା,ସହରାଞ୍ଚଳରେ କାର୍ଯ୍ୟରତ ଇସି ସଦସ୍ୟା ମାନଙ୍କୁ କୌଣସି ଭତ୍ତା ପ୍ରଦାନ କରାଯାଉନଥିବାରୁ ସେମାନଙ୍କୁ ମାସିକ ଭତ୍ତା ପ୍ରଦାନ କରିବା, ଇସି ସଦସ୍ୟା ମାନଙ୍କୁ ବରିଷ୍ଠତା ଭିତ୍ତିରେ ପଦନ୍ନୋତି ଦେବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଇସି ସଂଘର ନିଷ୍ପତ୍ତି ଅନୁଯାୟୀ ରାଜ୍ୟସରକର ଦାବୀଗୁଡିକ ପ୍ରତି ଧ୍ୟାନ ନଦେଲେ ଏନଆରଏମଏଲ୍ ର ରିଷ୍ଟ୍ରକଚରିଂ ନିଷ୍ପତିଗ୍ରହଣ କରାନଯିବା ସହିତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସୂଚନା ଦିଆଯାଇଛି ।

# ୧୨୫୦ଲିଟରର ଦେଶୀ ମଦ ଜବତ: ଜଣେ କୋର୍ଟ ଚାଲାଣ

ଖଇରା, ୨୮/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡପୋଖରୀ ଗ୍ରାମ ନିକଟରୁ ପିକଅପ ବୋଝେଇ ୧୨୫୦ଲିଟରର ଦେଶୀମଦକୁ ଖଇରା ପୋଲିସ ଜବତ କରିଥିବା ବେଳେ ଡ୍ରାଇଭର ଦାମୋଦର ମଲ୍ଲିକଙ୍କ ନାମରେ ଏକ ମାମଲା(୨୯/୨୫) ରୁଜୁ କରି ତାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ଶାରିଶୂଆ-ଗଡପୋଖରୀ ରାସ୍ତାରୁ ଏହି ମଦ ଜବତ କରାଯାଇଥିବା ବେଳେ ବେଆଇନ ମଦ ଚାଲାଣ ସହ ସଂପୃକ୍ତ କିଛିବ୍ୟକ୍ତିଙ୍କୁ ପୋଲିସ ଛାଡି ଦେଇଥିବା କୁହାଯାଉଛି । ସେପଟେ ଖଇରା ବଜାରରେ ବିଦେଶୀମଦ ବିକ୍ରୀ ପାଇଁ ଲାଇସେନ୍ସ ପାଇଥିବା ଜଣେ ମଦବିକ୍ରେତା ଦେଶୀ ମଦ ରଖି ଖଇରା ସମେତ ଔପଦା ଓ ଅନ୍ୟାନ୍ୟ ସ୍ଥାନକୁ ଚାଲାଣ କରୁଥିବା ବେଳେ ବିଭିନ୍ନ ଉପାୟରେ ଚାପ ପକାଇ ତାପାଖରୁ କାରବାର କରୁନଥିବା ବିକ୍ରେତା ମାନଙ୍କୁ ଧରାଉଥିବା ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ଏହି ବିକ୍ରେତା ଜଣକ ପାଖାପାଖି ୧ବର୍ଷ ତଳେ ଦୋକାନରେ ନକଲି ମଦ ରଖିବା ଅଭିଯୋଗରେ ଫ୍ଲାଇଁ ସ୍କ୍ୱାର୍ଡ ହାତରେ ଧରା ପଡି ଜେଲ ଯାଇଥିଲେ ।






# ରମେଶ ଚନ୍ଦ୍ର ଜେନାଙ୍କ ୭୫ତମ ଜନ୍ମ ଦିନରେ ଉନ୍ମୋଚିତ ହେଲା ତାଙ୍କ ଆତ୍ମଜୀବନୀ 'ଝଡ଼ର ଝଙ୍କାର'




ବାଲେଶ୍ୱର, ୨୮/୦୧ : ଭାରତୀୟ ରେଳ ସୁରକ୍ଷାବଳରୁ ଅବସର ଗ୍ରହଣ କରିଥିବା ତଥା ଔପନ୍ୟାସିକ ରମେଶ ଚନ୍ଦ୍ର ଜେନାଙ୍କ ଦୀର୍ଘ ଆତ୍ମଜୀବନୀ ଗ୍ରନ୍ଥ 'ଝଡ଼ର ଝଙ୍କାର'ର ଶୁଭ ଉନ୍ମୋଚନ ତାଙ୍କ ୭୫ତମ ଜନ୍ମଦିନରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ବାଲେଶ୍ୱର ସହରସ୍ଥ ଆତିଥ୍ୟ ସଭାଗୃହରେ ଉନ୍ମୋଚିତ ହୋଇଯାଇଛି । ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥର ପ୍ରକାଶକ ଡ. କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ । ଶ୍ରୀ ନାୟକ ଏହି ଜୀବନୀ ଗ୍ରନ୍ଥ ସମାଜର ସକଳ ଅଭାବ ଅସୁବିଧା ମଧ୍ୟରେ ନିଷ୍ଠା ଓ ଏକାଗ୍ରତା ରହିଲେ ଦିନେ ଯେ ସଫଳତା ପ୍ରାପ୍ତ ହୁଏ, ତାହାର ଏକ ପ୍ରେରଣାଦାୟୀ ବାର୍ତ୍ତାରେ ଭରପୂର ହୋଇଥିବାରୁ ଏହା ପାଠକଙ୍କ ଅଦରଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ । ଲେଖକ ରମେଶ ଚନ୍ଦ୍ର ଜେନାଙ୍କ ସ୍କୁଲ ଜୀବନର ଶିକ୍ଷାଗୁରୁ ଶ୍ରୀ ସତ୍ୟବ୍ରତ ମହାନ୍ତିଙ୍କ ଦ୍ୱାରା ଏହି ପୁସ୍ତକ ଉନ୍ମୋଚିତ ହୋଇଥିଲାବେଳେ ବିଶିଷ୍ଟ ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକ ଗ୍ରନ୍ଥର ସମୀକ୍ଷା କରି ଏହାକୁ ତଳସ୍ତରର ଜଣେ ମଣିଷ କିଭଳି ସଂଘର୍ଷ ଓ ସଂଗ୍ରାମ ଭିତରେ ସ୍ୱପ୍ନ ଦେଖିଲେ ଦିନେ ନିଜ ଜୀବନକୁ ସଫଳ ଭାବେ ଗଢ଼ିପାରେ ତାହାର ପ୍ରତ୍ୟକ୍ଷାନୁଭୂତିରେ ବର୍ଣ୍ଣିତ ଏହି ୫୬୮ ପୃଷ୍ଠାର ଆତ୍ମଜୀବନୀଟି ଖୁବ୍ ସୁପାଠ୍ୟ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ ଏବଂ ଭାରତୀୟ ମୂଳ ନିବାସୀ ସମତା ମଞ୍ଚର ସଭାପତି ଅଭିରାମ ମଲ୍ଲିକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରମେଶ ଚନ୍ଦ୍ର ଜେନାଙ୍କ ଜୀବନୀ ଗ୍ରନ୍ଥ ଉପରେ ଆଲୋକପାତ କରି ତାଙ୍କୁ ଅନ୍ୟମାନଙ୍କ ପାଇଁ ଜଣେ ଉଦାହରଣୀୟ ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଥିଲେ । ଲେଖକ ରମେଶ ଚନ୍ଦ୍ର ଜେନା ତାଙ୍କ ଲେଖକୀୟ ବକ୍ତବ୍ୟରେ ସୁବର୍ଣ୍ଣରେଖା ନଦୀକୂଳ କେଶପୁରା ଗ୍ରାମରେ ଜନ୍ମିତ ଏକ ଦୀନଦୁଃଖୀ ପରିବାରରୁ କିଭଳି ୭୫ ବର୍ଷ ତଳେ ସଂଗ୍ରାମ କରି ଆଜି ଏକ ସୁଖଦ ସଂସାର ସହ ସମାଜରେ ପରିଚୟ ପାଇପାରିଛନ୍ତି ସେଇ ଦୀର୍ଘ ଯାତ୍ରାର କାହାଣୀ କହିବାବେଳେ ଲୋତକାପ୍ଳୁତ ହୋଇପଡ଼ିଥିଲେ । ପବିତ୍ର ସାଧାରଣତନ୍ତ୍ର ଦିବସର ପୂର୍ବାହ୍ନରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ସହରର ବହୁ ସାହିତ୍ୟିକ, ବିଶିଷ୍ଟ ବ୍ୟକ୍ତି ତଥା ଲେଖକ ଶ୍ରୀ ଜେନାଙ୍କ ପରିବାର ବର୍ଗ, ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ । ଶେଷରେ ତାଙ୍କ କନିଷ୍ଠ ପୁତ୍ର ସୁକିନ୍ଦାର ତହସିଲଦାର ପ୍ରିୟ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଲେବଲ୍-୩ ଅଫ ସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦୀପ, ୨୮/୧ : ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫଇନାରୀ ପକ୍ଷରୁ ମଙ୍ଗଳବାର ଦିନ ଲେବଲ୍-୩ ଅଫ ସାଇଟ୍ ଡିଜାଷ୍ଟର ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ରିଫାଇନାରୀ ମୁଖ୍ୟ ମହାପ୍ରବନ୍ଧକ ବି.ଆର.ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଂଜନ କରଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।ଏନଡିଆରଏଫ ଟିମ୍, ପାରାଦୀପ ରିଫାଇନାରୀର ମ୍ୟୁଚୁଆଲ୍ ଏଡ୍ ସଂସ୍ଥାମାନେଏହି ମକ୍ ଡ୍ରିଲରେ ଅଂଶଗ୍ରହଣ କରିଥିଲେ । ସାନ୍ତା କ୍ରିକ୍ ରେ ଯଦି ତୈଳ ଲିକ୍ ହୁଏ, ତେବେ ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ଏହା ଉପରେ ମକ୍ ଡ୍ରିଲ୍ କରାଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ନିୟମାନୁଯାୟୀ ଏହି କାର୍ଯ୍ୟ ସଠିକ୍ ଭାବେ ସମ୍ପାଦିତ ହୋଇଥିବା ନେଇ ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ : ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo